ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.181 Bhubaneswar Monday September 05 2022 | ୨୫ତମ ବର୍ଷ ସଂଖ୍ୟା-୧୮୧ ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୦୫, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ଚିଲିକାରେ ଡଙ୍ଗା ବୁଡ଼ି ତିନି ନିଖୋଜ



ବ୍ରହ୍ମଗିରି,୪।୯(ପି.ଏନ):ଆଜି ସନ୍ଧ୍ୟାରେ ଚିଲିକାରେ ଡଙ୍ଗା ବୁଡ଼ି ୩ ଜଣ ନିଖୋଜ। ପୁରୀ ଜିଲ୍ଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ଗମ୍ଭାରୀଗାଁ କାଳିଜାଇକୁଦ ନିକଟରେ ବୁଡ଼ିଗଲା ଡଙ୍ଗା। ଖବର ପାଇ ଉଦ୍ଧାର ପାଇଁ ଘଟଣାସ୍ଥଳରେ ପହଞ୍ଚିଛି ଅଗ୍ନିଶମ ବାହିନୀ।ସୂଚନା ମୁତାବକ, କାଳିଜାଇ କୁଦାକୁ ଭୋଜି କରିବା ପାଇଁ ପୁରୀର କିଛି ଲୋକଙ୍କୁ ନେଇ ଏକ ଡଙ୍ଗା ଯାଇଥିଲା। ଏହି ଡଙ୍ଗାରେ ପ୍ରାୟ ୧୩ ଜଣ ଲୋକ ଥିଲେ। ଭୋଜି କରିସାରି ସଂଧ୍ୟାରେ ଫେରିବା ସମୟରେ ମଝି ଚିଲିକାରେ ଡଙ୍ଗାଟି ଭାରସାମ୍ୟ ହରାଇ ବୁଡି ଯାଇଥିଲା।ଘଟଣା ସ୍ଥଳରୁ ୧୦ ଜଣ ଉଦ୍ଧାର ହୋଇଥିବା ବେଳେ ୩ଜଣ ନିଖୋଜ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ନିଖୋଜଙ୍କୁ ଠାବ କରିବା ନିମନ୍ତେ ସହାୟତା କରୁଛନ୍ତି। ତେବେ ରାତି ହୋଇଯାଇଥିବାରୁ ଉଦ୍ଧାର କାର୍ଯ୍ୟ କଷ୍ଟସାଧ ହେଉଥିବା ସୂଚନା ମିଳିଛି।

## ବିଜେଡି ଶାସନରେ ମହିଳା ବିପଦରେ

ଭୁବନେଶ୍ୱର, ୪।୯(ପି.ଏନ): ୨୩ ବର୍ଷର ନିରୁଙ୍କଶ ଶାସନ ପରେ ମଧ ଓଡିଶାର ମା ଓ ଭଉଣୀମାନେ ନ୍ୟାୟ ପାଇବା ସାତ ସ୍ୱପ୍ନ। ଏନସିଆରବି ରିପୋର୍ଟ-୨୦୨୧ରେ ଏହା ସ୍ପଷ୍ଟ ଉଲ୍ଲେଖ ରହିଛି। ରାଜ୍ୟରେ ମହିଳା ବିରୋଧୀ ହିଂସା, ମହିଳା ଅପହରଣ, ମହିଳା ଅସଦାଚରଣ, ବଳାତ୍କାର, ନାବାଳିକା ଯୌନ ନିର୍ଯ୍ୟାତନା, ମହିଳା ଉତ୍ପୀଡନ ପୂର୍ବ ବର୍ଷ ଅପେକ୍ଷା ବୃଦ୍ଧି ପାଇବା ଅତ୍ୟନ୍ତ ଚିନ୍ତା ଓ ଲଜ୍ଜାଜନକ ବୋଲି ମହିଳାମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକ କହିଛନ୍ତି।ନାରୀ ସଶକ୍ତିକରଣର କଥା କହି ମିଛ ବାହାସ୍ଫୋଟ ମାରୁଥିବା ରାଜ୍ୟ ସରକାର ମହିଳାଙ୍କୁ ସୁରକ୍ଷା ଦେବାରେ ସଂପୂର୍ଣ୍ଣ ବିଫଳ ହୋଇଛି। ଏନେଇ ଭାରତୀୟ ଜନତା ପାର୍ଟି ମହିଳା ମୋର୍ଚ୍ଚା ଆଗାମୀ ଦିନରେ ଏହି ବିରୋଧରେ ଆନ୍ଦୋଳନ ପର୍ଯ୍ୟାୟ କ୍ରମରେ କରିବ ବୋଲି ଶ୍ରୀମତୀ ପଟ୍ଟନାୟକ କହିଛନ୍ତି।

## ନୂଆଦିଲ୍ଲୀରେ ଲାଇଫଟାଇମ ଆଚିଭମେଂଟ ସମ୍ମାନ ଗ୍ରହଣ କରିଲେ ମୁଖ୍ୟମନ୍ତ୍ରୀ




ନୂଆଦିଲ୍ଲୀ ଭୁବନେଶ୍ୱର, ୪।୯(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଦିନ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଏନ ଭି ରମନାଙ୍କଠାରୁ ଲାଇଫଟାଇମ ଆଚିଭମେଣ୍ଟ ସମ୍ମାନ ଗ୍ରହଣ କରିଛନ୍ତି । ନୂଆଦିଲ୍ଲୀ ସ୍ଥିତ ଇଣ୍ଡିଆ ଇଣ୍ଟରନ୍ୟାସନାଲ ସେଣ୍ଟରରେ କ୍ୟାପିଟାଲ ଫାଉଣ୍ଡେସନ୍ ସୋସାଇଟି ପକ୍ଷରୁ ଆୟୋଜିତ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ମିଳିଥିବା ସୂଚନା ଅନୁସାରେ ଦୀର୍ଘ ୨୫ବର୍ଷ ଧରି ନିଜକୁ ଜନସେବାରେ ନିୟୋଜିତ କରିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆଜି 'ଜୀବନବ୍ୟାପୀ ସାଧନା ସମ୍ମାନ'ରେ ସମ୍ମାନିତ କରାଯାଇଛି। ୧୯୯୭ରେ ରାଜନୀତିରେ ପାଦ ଦେଇଥିବା ନବୀନ ୨୦୦୦ ମସିହାରୁ ଲଗାତର ୫ଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବାର ରେକର୍ଡ କରିବା ସହ ବିକାଶର ନୂଆ ଅଧ୍ୟାୟ ସୃଷ୍ଟି କରିଛନ୍ତି ।

## ଦୁର୍ବଳ ମୌସୁମୀ ପ୍ରଭାବରେ ରାଜ୍ୟର ଆହୁରି ୨୪ ଘଂଟା ଗୁଳୁଗୁଳି

ଭୁବନେଶ୍ୱର, ୪।୯(ପି.ଏନ): ଦୁର୍ବଳ ମୌସୁମୀ ପ୍ରଭାବରେ ରାଜ୍ୟର ଗୁଳୁ ଗୁଳି ଜାରି ରହିଛି । ୯ସହରରେ ଦିନ ତାପମାତ୍ରା ୩୬ ଡ଼ିଗ୍ରୀ କିମ୍ବା ତା ଠାରୁ ଅଧିକ ରେକର୍ଡ କରାଯାଇଛି । ସୋନପୁର ଏବଂ ଚାନ୍ଦବାଲିରେ ସର୍ବୋଚ୍ଚ ତାପମାତ୍ରା ୩୬.୭ ଡ଼ିଗ୍ରୀ ସେଲସିୟସ ରେକର୍ଡ ହୋଇଛି । ଭୁବନେଶ୍ୱର ଏବଂ କଟକରେ ୩୬.୬ ଡ଼ିଗ୍ରୀ ଦିନ ତାପମାତ୍ରା । ମାଲକାନଗିରି ୩୬.୫, ବାଲେଶ୍ୱରରେ ୩୬.୪, ବାରିପଦା, ନୟାଗଡ଼ ଏବଂ ବୌଦ୍ଧରେ ୩୬ ଡ଼ିଗ୍ରୀ ଉପରେ ଥିବା ରେକର୍ଡ କରାଯାଇଛି ।

## ଓଡିଶାବାସୀଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ ନବୀନ

ଭୁବନେଶ୍ୱର, ୪।୯(ପି.ଏନ): ନୂଆଦିଲ୍ଲୀ ଠାରେ ଜୀବନବ୍ୟାପୀ ସାଧନା ସମ୍ମାନରେ ସମ୍ମାନିତ ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ । ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଏହି ଆୱାର୍ଡ ସମର୍ପିତ କରିଛନ୍ତି । ସେ କହିଛନ୍ତି ଯେ ସାଢେ ୪ କୋଟି ଓଡିଆଙ୍କ ଆଶୀର୍ବାଦ ପାଇଁ ୨୨ ବର୍ଷ ମୁଁ ସେମାନଙ୍କ ସେବାରେ ରହିଛି । ସେ ପୁରସ୍କାର ସମାରୋହରେ ଓଡିଶାର ବିକାଶ କଥା କହିଛନ୍ତି । ଲାଇଫଟାଇମ ଆଚିଭମେଣ୍ଟ ଆୱାର୍ଡ ସମ୍ମାନରେ ସମ୍ମାନିତ କରିଥିବାରୁ କ୍ୟାପିଟାଲ ଫାଉଣ୍ଡେସନକୁ ମଧ ଲେ ଧନ୍ୟବାଦ ଜଣାଇଛନ୍ତି । ସେହିପରି ଜଷ୍ଟିସ ଏନ ଭି ରମଣା ଓ ଏକେ ପଟ୍ଟନାୟକଙ୍କୁ ନବୀନ ବିନମ୍ର କୃତଜ୍ଞତା ଜଣାଇଛନ୍ତି ।

## କେବଳ ଲଘୁଚାପ ଆସୁଛି : ଆଇଏମଡି

ଭୁବନେଶ୍ୱର, ୪।୯(ପି.ଏନ): ବଙ୍ଗୋପ ସାଗରରେ ବାତ୍ୟା ନୁହେଁ, କେବଳ ଲଘୁଚାପ ଆସୁଛି ବୋଲି ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସ୍ପଷ୍ଟ କରାଯାଇଛି ।ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ରାଜ୍ୟରେ ବାତ୍ୟା ନେଇ କୌଣସି ସୂଚନା ନାହିଁ । କିମ୍ବା ବାତ୍ୟା ସଂପର୍କରେ ଆଇଏମଡି କୌଣସି ସୂଚନା ଜାରି କରିନାହିଁ । ତେବେ ୮ ତାରିଖ ମଧ୍ୟରେ ଘୂର୍ଣ୍ଣିବଳୟ ସୃଷ୍ଟିହେବ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ମୌସୁମୀ ନିମ୍ନଚାପ ରେଖା ଉତରରେ ରହୁଛି । ଫଳରେ ୩ରୁ ୪ ଡିଗ୍ରୀ ଅଧିକ ପାରଦ ରହୁଛି । ୨୨ ସହରରେ ତାପମାତ୍ରା ୩୫ଡିଗ୍ରୀ ଉପରେ ରେକର୍ଡ ହୋଇଥିବାବେଳେ ଭୁବନେଶ୍ୱରରେ ୩୫ ଡିଗ୍ରୀ ତାପମାତ୍ରା ସହ ଆର୍ଦ୍ରତା ୬୫ % ରହୁଛି । ଫଳରେ ଏବେ ଗୁଳୁଗୁଳି ଲାଗିରହିଛି । ସେ କହିଛନ୍ତି ଯେ ସୋମବରା ଠାରୁ ବର୍ଷା ହେବା ସହ ୬ତାରିଖରୁ ବର୍ଷାର ପରିମାଣ ବୃଦ୍ଧି ହେବ । ପ୍ରଥମ ସପ୍ତାହ ଶେଷ ବେଳକୁ ଗୋଟିଏ ଘୂର୍ଣ୍ଣିବଳୟ ଏବଂ ୯ରୁ ୧୫ ତାରିଖ ବେଳକୁ ଆଉ ଏକ ଘୂର୍ଣ୍ଣିବଳୟ ଆସିବ । ଫଳରେ ସ୍ୱାଭାବିକ ଠାରୁ ଅଧିକ ବର୍ଷାର ସମ୍ଭାବନା ରହିଛି ।

## ମୁକ୍ତା ଯୋଜନାର କାର୍ଯ୍ୟକାରିତାରେ ତ୍ରୁଟି ପାଇଁ କଠୋର କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୪।୯(ପି.ଏନ): ସହରାଂଚଳରେ ବସବାସ କରୁଥିବା ଆର୍ଥିକ ଅନଗ୍ରସର ବର୍ଗଙ୍କୁ ଜୀବିକା ସୁରକ୍ଷା ଯୋଗାଇଦେବା ସହ ଗୋଷ୍ଠୀ ନେତୃତ୍ୱରେ ସଂଚାଳିତ ସାମୂହିକ ଭିତି ନିର୍ମାଣ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ ବା 'ମୁକ୍ତା' ଯୋଜନାର ଶୁଭାରମ୍ଭ ୨୦୨୦ ମସିହାରେ କରା ଯାଇଥିଲା। ଆରମ୍ଭରୁ ହିଁ ସମ୍ପୂର୍ଣ୍ଣ ସ୍ୱଚ୍ଛତା ତଥା ଉତର ଦାୟିତ୍ୱ ଜରିଆରେ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଗୋଷ୍ଠୀ ସମ୍ପଦ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇ ଆସୁଅଛି। ମାତ୍ର 'ମୁକ୍ତା' ଯୋଜନାର କାର୍ଯ୍ୟକାରିତାରେ ସାମାନ୍ୟତାମ ଦୁର୍ନୀତି ବିରୁଦ୍ଧରେ ମଧ ସରକାରଙ୍କ ଶୂନ୍ୟ ସହନଶୀଳତା ନୀତିର ଅନୁପାଳନ କରାଯିବ ବୋଲି ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ନିକଟରେ ନୟାଗଡ ପୌରପାଳିକାର କିଛି ଅଂଚଳରେ ମୁକ୍ତା ଯୋଜନାର କାର୍ଯ୍ୟକାରିତା ସନ୍ଦେହ ଘେରକୁ ଆସିବା ପରେ ଇମ୍ପ୍ଲିମେଣ୍ଟେସନ୍ ଏକ୍ସପର୍ଟ ଗୁରୁଚରଣଙ୍କ ବିରୁଦ୍ଧରେ ଦୃଢ ଆଇନଗତ ପଦକ୍ଷେପ ନିଆଯାଇଛି । ପୌରପାଳିକାର ୭ ନମ୍ବର ୱାର୍ଡ଼ ସ୍ଥିତ ତାରକେଇ ମନ୍ଦିର ତଥା ଅଙ୍ଗନୱାଡ଼ି କେନ୍ଦ୍ରରେ ଛାତ ଉପର ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ ନକରାଯାଇ, ଜାଲ୍ ବିଲ୍ ପଇଠ କରି ଏଠି ପାଇଁ ଆସିଥିବା ଅର୍ଥ ହଡପ୍ କରାଯିବାର ଅଭିଯୋଗ ମିଳିବା ପରେ କ୍ଷେତ୍ର ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ ନକରାଯାଇ, ଇମ୍ପ୍ଲିମେଣ୍ଟେସନ୍ ଏକ୍ସପର୍ଟ ଗୁରୁଚରଣ ବେହେରାଙ୍କ ଦ୍ୱାରା ଫଟୋସପ୍ ଜରିଆରେ ଚଂଚକତା ଉପାୟରେ ନକଲି ଫଟୋ ତଥା ଜାଲ୍ ବିଲ୍ ପଇଠ କରି ଯୋଜନା ଅର୍ଥ ବାଟମାରଣା କରାଯାଇଥିବା ଜଣା ପଡିବା ପରେ ନୟାଗଡ ପୌରପାଳିକା ପକ୍ଷରୁ ଶ୍ରୀ ବେହେରାଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଟାଉନ୍ ଥାନାରେ ଏତାଲା ଦାୟର୍ କରାଯାଇଛି। ସରକାରଙ୍କ ୫ଟି ଯୋଜନା ଅନୁପାଳନରେ ସହରାଂଚଳରେ ସ୍ୱଚ୍ଛତା ଆଧାରରେ ପ୍ରବର୍ତିତ ମୁକ୍ତା ଯୋଜନାର କାର୍ଯ୍ୟକାରିତାକୁ ସରକାର ଅଗ୍ରାଧିକାର ଦେଉଥିବାରୁ ଏ କ୍ଷେତ୍ରରେ କୌଣସି ଖିଲାପ୍ ବରଦାସ୍ତ କରାଯିବ ନାହିଁ ଓ ଆବଶ୍ୟକ ସ୍ଥଳେ ଦୁର୍ନୀତି ପ୍ରମାଣିତ ହେଲେ ଦୋଷୀ କର୍ମଚାରୀଙ୍କୁ ଅବିଳମ୍ବେ ଚାକିରୀରୁ ବହିଷ୍କାର କରାଯିବ ବୋଲି ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଚେତାବନୀ ଦିଆ ଯାଇଛି।

## ନର୍ସିଂ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର



ଭୁବନେଶ୍ୱର,୪।୯(ପି.ଏନ): ନର୍ସିଂ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର। ଏୟାରଫିଲ୍ଡ ଥାନା ଜାମୁକୋଳି ଅଞ୍ଚଳ ସ୍ଥିତ ଏକ କଲେଜ ହଷ୍ଟେଲରୁ ଏହି ମୃତଦେହ ସନ୍ଧ୍ୟାରେ ମିଳିଛି। ମୃତ ନର୍ସିଂ ଛାତ୍ରୀ ଜଣଙ୍କ ବଲାଙ୍ଗିରର ବୋଲି ସୂଚନା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।ତେବେ ଏହା ହତ୍ୟା ନା ଆତ୍ମହତ୍ୟା ଏବଂ ଯଦି ଆତ୍ମହତ୍ୟା କେଉଁ କାରଣ ପାଇଁ ଯୁବତୀ ଜଣକ ଏଭଳି ପଦକ୍ଷେପ ନେଲେ ତାହାକୁ ନେଇ ସନ୍ଦେହ ଦେଖା ଦେଇଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

## ଆଇଆଇଟି ଦେଶର ଗୌରବ : ମହାମହିମ ରାଷ୍ଟ୍ରପତି

ନୂଆଦିଲ୍ଲୀ/ଭୁବନେଶ୍ୱର, ୪।୯(ପି.ଏନ): ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ହେଉଛି ଆମ ଦେଶର ଗୌରବ । ଶନିବାର ଆଇଆଇଟି ଦିଲ୍ଲୀର ହୀରକ ଜୟନ୍ତୀର ଉଦଯାପନ ସମାରୋହରେ ଯୋଗଦେଇ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଏହା ଉଦବୋଧନ ଦେଇଛନ୍ତି । ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି ଯେ ଶିକ୍ଷା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତର କ୍ଷମତାକୁ ଆଇଆଇଟି ଗୁଡ଼ିକ ବିଶ୍ୱ ସମ୍ମୁଖରେ ପ୍ରମାଣିତ କରି ସାରିଛନ୍ତି । ଆଇଆଇଟିର କାହାଣୀ ସ୍ୱାଧୀନ ଭାରତର କାହାଣୀ । ବିଶ୍ୱ ଦରବାରରେ ଭାରତକୁ ଶିଖରରେ ପହଞ୍ଚାଇବାରେ ଆଇଆଇଟି ମାନଙ୍କର ଯୋଗଦାନ ଅତୁଳନୀୟ । ଆଇଆଇଟି ଫ୍ୟାକଲଟି ଏବଂ ଆଲୁମିନାଇ ବିଶ୍ୱକୁ ଆମର ବୌଦ୍ଧିକ କ୍ଷମତାକୁ ଦେଖାଇଛନ୍ତି । ଆଇଆଇଟିରେ ଅଧ୍ୟୟନ କରିଥିବା ଅନେକ ଛାତ୍ରଛାତ୍ରୀ ଆଜି ବିଶ୍ୱରେ ଡିଜିଟାଲ ବିପ୍ଳବର ନେତୃତ୍ୱ ନେଉଛନ୍ତି । ଏହାବ୍ୟତିତ ଆଇଆଇଟିର ପ୍ରଭାବ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରୁ ବହୁତ ଆଗକୁ ଯାଇଛି ଏବଂ ଆଇଆଇଟିର ଛାତ୍ରଛାତ୍ରୀମାନେ ଶିକ୍ଷା, ଶିଳ୍ପ, ଉଦ୍ୟମିତା, ସମାଜ, ସାମ୍ବାଦିକ, ସାହିତ୍ୟ ଏବଂ ରାଜନୀତି କ୍ଷେତ୍ରରେ ନେତୃତ୍ୱ ନେଉଛନ୍ତି ବୋଲି ସେ କହିଛନ୍ତି ।ଏହି ଅବସରରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କୁ ମାର୍ଗଦର୍ଶନ ପାଇଁ କୃତଜ୍ଞତା ଜଣାଇଛନ୍ତି । ତାଙ୍କ ପ୍ରେରଣାଦାୟୀ କଥା ଆମର ଅମୃତ କାଳର ଲକ୍ଷ୍ୟକୁ ହାସଲ କରିବା ଦିଗରେ ଶିକ୍ଷା ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କୁ ପ୍ରୋତ୍ସାହିତ କରିବ ବୋଲି ସେ କହିଛନ୍ତି । ସେହିପରି ୬୦ ବର୍ଷର ଗୌରବମୟ ଯାତ୍ରା ପାଇଁ ଆଇଆଇଟି ଦିଲ୍ଲୀକୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଅଭିନନ୍ଦନ ଜଣାଇବା ସହ ସେ କହିଛନ୍ତି ଜାତୀୟ ପ୍ରଗତିକୁ ଆଗକୁ ନେବାରେ ଆଇଆଇଟି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ରାଷ୍ଟ୍ରପତିଙ୍କ ଦ୍ୱାରା ଆଇଆଇଟି ଦିଲ୍ଲୀ ଠାରେ ଉଦଘାଟିତ ହୋଇଥିବା ଅନୁସନ୍ଧାନ ଏବଂ ନବସୃଜନ ପାର୍କ ଆଇଆଇଟିରେ ଆର ଏଣ୍ଡ ଡ଼ି ତଦଥା ଗବେଷଣା ଏବଂ ବିକାଶକୁ ତ୍ୱରାନ୍ୱିତ କରିବ । ଗର୍ବର ବିଷୟ ଯେ ଅନେକ ବିକଶିତ ଦେଶ ଆଇଆଇଟିର ଅଫସୋର କ୍ୟାମ୍ପସ ନିଜ ଦେଶରେ ପ୍ରତିଷ୍ଠା କରିବା ପାଇଁ ଇଚ୍ଛାପ୍ରକାଶ କରିଛନ୍ତି । ଏହା ଆମ ସମ୍ମାନଜନକ ଆଇଆଇଟି ଗୁଡ଼ିକର କ୍ଷମତା ଓ ଗୁଣାତ୍ମକ ମାନକୁ ଦର୍ଶାଉଛି । ଭାରତ ଏବେ ନବସୃଜନ କ୍ଷେତ୍ରରେ ଦ୍ରୁତ ଗତିରେ ଆଗକୁ ବଢୁଛି । ବିଶ୍ୱରେ ଭାରତରେ ସର୍ବାଧିକ ଡିଜିଟାଲ କାରବାର ହେଉଥିବା ବେଳେ ସ୍ୱଦେଶୀ ପଦ୍ଧତିରେ ବିକଶିତ କରାଯାଉଥିବା ୫ଜି ଟେକ୍ନୋଲୋଜି ଦେଶର ଡିଜିଟାଲ ବିପ୍ଳବକୁ ତ୍ୱରାନ୍ୱିତ କରିବ । ଆଧୁନିକ ଅର୍ଥନୀତିର ଭାରତ କେନ୍ଦ୍ରବିନ୍ଦୁ । ଶିଳ୍ପ ବିପ୍ଳବ ୪.୦ ରେ ଆଇଆଇଟି ଭାରତକୁ ଟେକ୍ନୋଲୋଜିର ପେଣ୍ଟସ୍ଥଳି ଭାବେ ପ୍ରତିଷ୍ଠିତ କରିବା ପାଇଁ ପ୍ରୟାସ କରୁ । ଭବିଷ୍ୟତର ଆହ୍ୱାନକୁ ସମାଧାନ କରିବା ସହ ବିଶ୍ୱର ଦାୟିତ୍ୱ ନେବା ପାଇଁ ଆଇଆଇଟି ଛାତ୍ରଛାତ୍ରୀଙ୍କୁ ପ୍ରସ୍ତୁତ କରୁ । ଆମର ଆତ୍ମବିଶ୍ୱାସ ବଢ଼ିଛି, ଆମେ ବିଶ୍ୱର ନେତୃତ୍ୱ ନେବା । ଶିକ୍ଷାନୁଷ୍ଠାନ ଶିଳ୍ପସଂସ୍ଥାକୁ ସୁଦୃଢ଼ କରିବା ପାଇଁ ସମସ୍ତଙ୍କୁ ମିଳିତ ଭାବେ କାର୍ଯ୍ୟ କରିବାକୁ ହେବ ଓ ନୀତି ନିର୍ଦ୍ଧାରିକଙ୍କୁ ଏକବିଂଶ ଶତାବ୍ଦୀର ଆକାଂକ୍ଷାକୁ ପୂରଣ କରି ଭାରତକୁ ବିଶ୍ୱର ୧ ନମ୍ବର ଅର୍ଥନୀତି ଭାବେ ପରିଣତ କରିବାକୁ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

### ବିଶେଷ ସୂଚନା

ନିୟମିତ ରବିବାର ସଂଖ୍ୟାରେ ପ୍ରକାଶିତ ହେଉଥିବା ସାହିତ୍ୟ ଦର୍ପଣ ପୃଷ୍ଠା ବିଶେଷ କାରଣ ଯୋଗୁଁ ସୋମବାର ସଂଖ୍ୟାରେ ପ୍ରକାଶିତ।

## ନିଶା ନିବାରଣ କେନ୍ଦ୍ର ମାଲିକ ଗିରଫ, ଜାମିନ ସର୍ତ୍ତ ଭାଙ୍ଗିଲେ



ବାରିପଦା,୪।୯(ପି.ଏନ): ପୁଣି ବନ୍ଧା ହେଲେ ନିଶା ନିବାରଣ କେନ୍ଦ୍ରର ମାଲିକ ଅବନୀ ପତି। ବାରିପଦା ତୁଳସୀ ଚ଼ଉରା ସାହିରେ ଥିବା ଏକ ବେସରକାରୀ ନିଶା ନିବାରଣ କେନ୍ଦ୍ରର ମାଲିକ ଅବନୀ ପତିଙ୍କୁ ଗିରଫ କରିଛି ଟାଉନ୍ ଥାନା ପୁଲିସ।ଗତ କିଛି ଦିନ ତଳେ ଗିରଫ ଅବନୀ ପତି ବେଆଇନ ନିଶା ନିବାରଣ କେନ୍ଦ୍ର ଚ଼ଳାଉଥିବା ଏବଂ ଅନ୍ତେବାସୀ ସହ ଜଣେ ଦିବ୍ୟାଙ୍ଗ ଅନ୍ତେବାସୀଙ୍କୁ ମାଡ଼ ମାରୁଥିବା ଭିଡିଓ ଭାଇରାଲ ହୋଇଥିଲା। ଏହି ଘଟଣାରେ ପୁଲିସ ତାଙ୍କୁ ଗିରଫ କରି କୋର୍ଟ ଚ଼ାଲାଣ କରିଥିଲା। ତେବେ କିଛି ଦିନ ତଳେ ଅବନୀ ପତି ଜାମିନରେ ଆସିଥିଲେ।ଏହି ସମୟରେ ସେ ପୁଣି ଥରେ ନିଶା ନିବାରଣ କେନ୍ଦ୍ର ଖୋଲିବା ଏବଂ ଅନ୍ତେବାସୀଙ୍କୁ ରଖିବା ଖବର ପାଇ ପୁଲିସ ଚ଼ଢାଉ କରିଥିଲା। ପୂର୍ବରୁ ନିଶା ନିବାରଣ କେନ୍ଦ୍ରକୁ ପ୍ରଶାସନ ବନ୍ଦ କରିଥିବା ବେଳେ ଜାମିନରେ ଆସିଥିବା ସର୍ତ୍ତାବଳୀକୁ ଅମାନ୍ୟ କରିଥିବା ଯୋଗୁଁ ପୁଲିସ ତାଙ୍କୁ ଗତକାଲି ବିଳମ୍ବିତ ରାତିରେ ଗିରଫ କରିଥିବା ଜଣାପଡ଼ିଛି।

## ମିଛ ପ୍ରଚାର ନକରି ସମସ୍ତ ଯୋଗ୍ୟଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଦିଅନ୍ତୁ ରାଜ୍ୟ ସରକାର : ଦିଲୀପ ମଲ୍ଲିକ

ଭୁବନେଶ୍ୱର, ୪।୯(ପି.ଏନ): ରାଜ୍ୟର ଅଗଣିତ ବୃଦ୍ଧ ଓ ବୃଦ୍ଧା ତଥା ବରିଷ୍ଠ ନାଗରିକମାନେ ମଧ ରାଜ୍ୟ ସରକାରଙ୍କ ଅସମ୍ବେଦନଶୀଳତାର ଶିକାର ହେବା ସହ ବହୁ କଷ୍ଟରେ ଜୀବନ ଯାପନ କରୁଛନ୍ତି। ସ୍ୱାସ୍ଥ୍ୟ, ବସ୍ତ୍ର ଓ ବାସଗୃହ, ପାନୀୟ ଜଳ ଭଳି ମୌଳିକ ଆବଶ୍ୟକତା ଯୋଗାଇ ଦେବା ପାଇଁ ବହୁ ଜନକଲ୍ୟାଣ ଯୋଜନାର ରୂପାୟନ ହୋଇନପାରି କେବଳ କାଗଜ କଲମରେ ସୀମିତ ହୋଇ ରହିଯାଉଛି। ଫଳରେ ସାଧାରଣ ଗରିବ ଲୋକ ନିଜ ପରିବାର ପୋଷିବା ପାଇଁ ସକ୍ଷମ ନହୋଇ ଆତ୍ମହତ୍ୟା ଭଳି ଜଘନ୍ୟ ରାସ୍ତାକୁ ବାଛିନେଉଥିବାର ସଦ୍ୟ ପ୍ରକାଶିତ ଏନସିଆରବି-୨୧ ରିପୋର୍ଟରେ ଉଲ୍ଲେଖ ହୋଇଛି। ରାଜ୍ୟ ସରକାର ବୃଦ୍ଧ, ବୃଦ୍ଧା, ଦିବ୍ୟାଙ୍ଗ, ବିଧବା, କଳାକାରଙ୍କୁ ଭତା ଦେଉଛନ୍ତି ବୋଲି ଗଣମାଧ୍ୟମରେ ପ୍ରଚାର କରି ଓଡିଶାବାସୀଙ୍କୁ ଭକୁଆ ବନାଉଛନ୍ତି । ଆଜି ବି ଉପାନ୍ତ ଅଂଚଳରେ ବୃଦ୍ଧ, ବୃଦ୍ଧା ଦିବ୍ୟାଙ୍ଗ, ବିଧବା, କଳାକାରମାନେ ଭତା ନପାଇ ଦୁଃଖ ଓ କଷ୍ଟରେ ଜୀବନ ବିତାଉଛନ୍ତି। ରାଜ୍ୟର ବରିଷ୍ଠ ଓ ନିସହାୟଙ୍କ ପ୍ରତି ରାଜ୍ୟ ସରକାରଙ୍କ ତାଚ୍ଛଲ୍ୟପୂର୍ଣ୍ଣ ଆଚରଣ ଓ ବ୍ୟବହାର ପ୍ରଦର୍ଶନ ଅତ୍ୟନ୍ତ ଲଜ୍ଜାଜନକ ବୋଲି ଗଣମାଧ୍ୟମ ମୁଖ୍ୟ ଶ୍ରୀମତୀ ଦିଲୀପ ମଲ୍ଲିକ କହିଛନ୍ତି ।ଗରୀବ ବୃଦ୍ଧ, ବୃଦ୍ଧା ତଥା ବରିଷ୍ଠ ଲୋକଙ୍କ ପାଇଁ ସରକାରୀ ବାର୍ଦ୍ଧକ୍ୟ ଭତା ହେଉଛି ବଡ ସାହାରା। କିନ୍ତୁ ରାଜ୍ୟ ସରକାର ଜଣେ ମଲେ ଆଉ ଜଣଙ୍କୁ ଭତା ଦିଆଯିବ କହିବା ଅତ୍ୟନ୍ତ ଲଜ୍ଜା ଓ ଅମାନୁଷିକ କାର୍ଯ୍ୟ। ୨୨ବର୍ଷ ଶାସନ କରିବା ପରେ ମଧ ଅସହାୟ ବୃଦ୍ଧ, ବୃଦ୍ଧା, ବିଧବା ମହିଳା, ଦିବ୍ୟାଙ୍ଗ ଓ କଳାକାରମାନଙ୍କ ଭତା ଦେବାରେ ରାଜ୍ୟ ସରକାର ଅପାରଗ ସାବ୍ୟସ୍ତ ହୋଇଛନ୍ତି। ୨୦୧୯ରୁ ଏଯାଏଁ ଭତା ହିତାଧିକାରୀଙ୍କ ସଂଖ୍ୟା ବଢ଼ିନାହିଁ। କରୋନା ମହାମାରୀ ପରେ କଳାକାରମାନେ କାମ ପାଇଲେ ନାହିଁ। ଏନେଇ ରାଜ୍ୟ ସରକାର ବଡ ଘୋଷଣା ମଧ କଲେ ବୟସ୍କ କଳାକାରଙ୍କୁ ଭତା ଦେବେ ବୋଲି କିନ୍ତୁ ଏଯାଏଁ ଲକ୍ଷାଧିକ ଲୋକ ଭତାକୁ ବଂଚିତ ହେବା ସହ ହଜାର ହଜାର କଳାକାର, ବୃଦ୍ଧ/ବୃଦ୍ଧା ଫର୍ମ ଆବେଦନ କରି ସରକାରୀ ସହାୟତାକୁ ଚାତକ ପରି ଅନେଇ ବସିଛନ୍ତି। ରାଜ୍ୟ ସରକାରଙ୍କ ମିଥ୍ୟା ଅପ୍ରଚାର ଲକ୍ଷ ଲକ୍ଷ ବୃଦ୍ଧା, ବୃଦ୍ଧ ଓ ବିଧବା ଆର୍ଥିକ କଷ୍ଟ ମଧ୍ୟରେ କାଳାତିପାତ କରୁଛନ୍ତି ଏବଂ ନ୍ୟାୟରୁ ବଂଚିତ ହେଉଛନ୍ତି ବୋଲି ଶ୍ରୀ ମଲ୍ଲିକ କହିଛନ୍ତି ।ସାମାଜିକ ସୁରକ୍ଷା ସମ୍ପର୍କରେ ନୀତି ପ୍ରଚାର କରୁଛନ୍ତି ସରକାର ଓ ମୁଖ୍ୟମନ୍ତ୍ରୀ। ବରିଷ୍ଠ ନାଗରିକ, ବିଧବା ଓ କଳାକାରଙ୍କ ଭତା ଦେବାର ଭୁଲି ଯାଇଛନ୍ତି ରାଜ୍ୟ ସରକାର। ବାର୍ଦ୍ଧକ୍ୟ ଭତା ନିମନ୍ତେ ସରକାରଙ୍କ ନୀତି ସ୍ପଷ୍ଟ ନାହିଁ। ପ୍ରତ୍ୟେକ ବର୍ଷ ରାଜ୍ୟ ସରକାର ଭତା ପାଇଁ ନୂଆ ଟାର୍ଗେଟ ଧାର୍ଯ୍ୟ କରିବା କଥା। କିନ୍ତୁ ତାହା କାହିଁକି କରୁନାହାନ୍ତି ବୋଲି ପ୍ରଶ୍ନ କରିଛନ୍ତି । କେବଳ କଟକରେ ୨୫ହଜାରରୁ ଊର୍ଦ୍ଧ୍ୱ ବାର୍ଦ୍ଧକ୍ୟ ଓ ବିଧବା ଭତା ଲାଗି ଫର୍ମ ଆବେଦନ କରି ଅପେକ୍ଷା ରତ ରହିଥିବାବେଳେ କଳାକାର ଭତା ପାଇବା ପାଇଁ ୮ହଜାର ୬୩୯ଜଣ କଳାକାର ଆବେଦନ କରିଥିଲେ। କିନ୍ତୁ ସେମାନଙ୍କ ମଧ୍ୟରୁ ଜିଲ୍ଲାର କୋଟା ଅନୁସାରେ ୯୨ଜଣଙ୍କୁ ଭତା ମିଳିବ। ସବୁଠୁ ଆଶ୍ଚର୍ଯ୍ୟର କଥା ହେଲା, ଜିଲ୍ଲା ପ୍ରଶାସନ ନୂତନ ହିତାଧିକାରୀଙ୍କୁ ଭତା ଦେବାଲାଗି କୌଣସି ସୁବିଧା ନାହିଁ କି ସରକାରଙ୍କ ନୀତି ନାହିଁ। ରାଜ୍ୟ ସରକାର କାହିଁକି କଟକର ୨୫ହଜାର ଓ ରାଜ୍ୟର ଲକ୍ଷ ଲକ୍ଷ ଲୋକଙ୍କ ଭତା ଦେଉନାହାନ୍ତି ଏହାର ଜବାବ ଦେବାକୁ ଭାରତୀୟ ଜନତା ପାର୍ଟି ଦାବି କରୁଛି। ରାଜ୍ୟ ସରକାର ଅସହାୟ ବୃଦ୍ଧ/ ବୃଦ୍ଧାଙ୍କ ପ୍ରତି କଠୋର କିମ୍ବା ବୈମାତୃକ ମନୋଭାବ ନକରି ଯଥାଶୀଘ୍ର ନୀତିର ପରିବର୍ତନ ଆଣିବା ସହ ଯୋଗ୍ୟ ହିତାଧିକାରୀଙ୍କୁ ଭତାଦେବାକୁ ଶ୍ରୀ ମଲ୍ଲିକ ଦାବି କରିଛନ୍ତି।

## ଗଣେଶ ପୂଜା ଭସାଣିରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ : ୭ ଆହତ, ଦୁଇ ଗୁରୁତର

କନ୍ଧମାଳ, ୪।୯(ପି.ଏନ): ନିକଟସ୍ଥ ରାମାଡି ଗ୍ରାମରେ ଗଣେଶ ମେଢ ଭସାଣିରେ ଦଡକୀ ଛକରେ ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷରେ ଉଭୟ ଗୋଷ୍ଠୀର ୭ ଜଣ ଆହତ ହେବା ସହ ଦୁଇ ଜଣ ଗୁରୁତର ହୋଇଛନ୍ତି। ଆହତ ମାନଙ୍କୁ ଚିକିତ୍ସା ନିମନ୍ତେ ଫୁଲବାଣୀ ମେଡିକାଲରେ ଭର୍ତି କରାଯାଇଛି। ଗଣ୍ଡଗୋଳରେ ସାମିଲ ଥିବା ସରପଂଚଙ୍କ ପୁଅ ସଞ୍ଜୀତ ମଲ୍ଲିକ ଓରଫ ପପୁଙ୍କ ସହ ଅନ୍ୟ ଅଭିଯୁକ୍ତ ମାନଙ୍କ ଗିରଫ ଦାବିରେ ଫୁଲବାଣୀ ଗୋଛାପଡା ରାସ୍ତାର ଦଡକୀ ଛକରେ ରାସ୍ତାରୋକ କରିଥିଲେ ଗ୍ରାମବାସୀ । ଗ୍ରାମର ଶତାଧିକ ଉତ୍ୟକ୍ତ ମହିଳା ସରପଂଚଙ୍କୁ ଘରୁ ଟାଣି ନେଇ ଦଡ଼କୀ ଛକ ପର୍ଯ୍ୟନ୍ତ ଆଣିଥିଲେ। ପୁଅକୁ ଗିରଫ ଦାବିରେ ସରପଂଚଙ୍କୁ ରାସ୍ତାରେ ବସାଇଥିଲେ। ଖବର ପାଇ ଫୁଲବାଣୀ ସଦର ଥାନାଧିକାରୀ ସମୀର କୁମାର ରାଉତ ଘଟଣାସ୍ଥଳରେ ପହଂଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହିତ ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେଇ ପ୍ରତିଶୃତି ଦେବାପରେ ରାସ୍ତାରୁ ହଟିଥିଲେ ଗ୍ରାମବାସୀ।ସୂଚନା ପ୍ରକାରେ, ରାମାଡି ଗ୍ରାମର ଯୁବକ ମାନେ ଗତକାଲି ରାତିରେ ଗଣେଶ ଭଷାଣିରେ ଯାଉଥିବା ବେଳେ ଦଡକି ଛକରେ ଦଡକି ଗ୍ରାମର ସରପଂଚଙ୍କ ପୁଅ ପପୁ ଓ ତାର କିଛି ବନ୍ଧୁ ମାରଣାସ୍ତ୍ର ସାହାଯ୍ୟରେ ରାମାଡିର ଯୁବକ ମାନଙ୍କୁ ମାଡ଼ ମାରିବା ସହିତ ଛୁରୀରେ ଆଘାତ କରିଥିଲେ। ଯାହା ଫଳରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ଏହା ସହିତ ଏକ ଟ୍ରାକ୍ଟରକୁ ଭଙ୍ଗାରୁଜା କରିବା ସହ ସାଉଣ୍ଡ ବକ୍ସକୁ ମଧ ଭାଙ୍ଗିଥିବା ନେଇ ସୂଚନା ମିଳିଛି। ତେବେ ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଗିରଫ ନକଲେ ଆଗାମୀ ଦିନରେ ପୁନର୍ବାର ଆନ୍ଦୋଳନ ହେବ ବୋଲି ରାମାଡି ଗ୍ରାମବାସୀ ପୋଲିସ ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

## ସୋମବାର ଦୁଇ ଦିନିଆ ଓଡିଶା ଗସ୍ତରେ ଆସିବେ ବିଜେପି ରାଜ୍ୟ ପ୍ରଭାରୀ ସୁନୀଲ ବଂସଲ

ଭୁବନେଶ୍ୱର, ୪।୯(ପି.ଏନ): ବିଜେପିର ନବ ନିଯୁକ୍ତ ରାଜ୍ୟ ପ୍ରଭାରୀ ସୁନୀଲ ବଂସଲ ସୋମବାର ଦିନ ଦୁଇ ଦିନିଆ ଓଡିଶା ଗସ୍ତରେ ଆସିବେ। ବିଜେପି ଦଳୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ମଧ୍ୟାହ୍ନ ସମୟରେ ସେ ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବେ । ବିଜେପି ପକ୍ଷରୁ ତାଙ୍କର ଭବ୍ୟ ସ୍ୱାଗତ ପାଇଁ ପ୍ରସ୍ତୁତି କରାଯାଇଛି। ଏହି ଦୁଇ ଦିନିଆ ଗସ୍ତରେ ସେ ରାଜ୍ୟ ସଂଗଠନକୁ ଶକ୍ତିଶାଳୀ କରିବା ନେଇ ଦଳୀୟ ନେତା ମାନଙ୍କ ସହ ବିଚାର ଆଲୋଚନା କରିବେ ।








# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସେଠାରେ ଥିବା ସଦୃଶ ନିୟୋଜିତ କରାଯାଇଥିଲା।

## ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିଆ, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମା ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଟ୍ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚାର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

# ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ସେପ୍ଟେମ୍ବର ୦୫

# ଗୁରୁ ହିଁ କେବଳମ୍

## —(ଗୁରୁ ଦିବସ ଉପଲକ୍ଷେ)—



ବିଶ୍ୱନିୟନ୍ତାଙ୍କ ବିଚିତ୍ର ସୃଷ୍ଟି। କେତେବେଳେ କାହାଦ୍ୱାରା କରାଯିବ ସିଏ ନିଜେ ହିଁ ନିୟନ୍ତ୍ରଣ କରନ୍ତି। କିଏ ନିଜର ସ୍ୱାର୍ଥ ପାଇଁ ଜୀବନସାରା ସନ୍ତୁଳି ହୋଇ ସୁଖ ଖୋଜୁଥାଏ ତ ଅନ୍ୟ କିଏ ଜଗତର ହିତ ପାଇଁ ନିଜର ସର୍ବସ୍ୱକୁ ଜଳାଞ୍ଜଳି ଦେଇଥାଏ। କିଛି ଲୋକ ଜନ୍ମରୁ ଭାଗ୍ୟବାନ, କାହାକୁ ଭାଗ୍ୟକୁ ଲଦି ଦିଆଯାଇଥାଏ ତ ଅନ୍ୟ କିଏ କଠିନ ପରିଶ୍ରମ କରି ଅନ୍ୟର ଭାଗ୍ୟ ତିଆରି କରିଥା'ନ୍ତି। ଗୁରୁ ହୋଇ ଅଜ୍ଞାନ ଅନ୍ଧାରରୁ ଜ୍ଞାନର ଆଲୋକ ଆଡ଼କୁ ପଥ ପ୍ରଦର୍ଶନ କରାଉଥିବା ସେହି ମହାନ ବ୍ୟକ୍ତିତ୍ୱ ହେଉଛନ୍ତି ଆମ ସାର୍ ଡଃ. ଅଚ୍ୟୁତ ସାମନ୍ତ। ହଜାର ହଜାର ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ କରିବା ପାଇଁ ବଜ୍ର ଶପଥ ନେବା ସହିତ ଏଥିପାଇଁ ନିଜକୁ ସମର୍ପଣ କରି ଅହରହ ଉଦ୍ୟମ ଜାରି ରଖିଛନ୍ତି। କଲରାବାଙ୍କରେ ଭୂମିଷ୍ଠ ଏହି ଉଜ୍ଜ୍ୱଳ ନକ୍ଷତ୍ର ବହୁ ପ୍ରତିକୂଳ ପରିସ୍ଥିତି ଦେଇ ଗତି କରିଛନ୍ତି। ପିଲାଦିନୁ ବାପାଙ୍କୁ ହରେଇଥିବାର ଦୁଃଖ, ଚଳଣିରେ ବହୁ ବାଧାବିଘ୍ନକୁ ଖାତିର ନକରି ଜୀବନର ଲକ୍ଷ୍ୟପଥରେ ଆଗେଇ ସଫଳ ହୋଇଛନ୍ତି। ଦୀପଟିଏ ପ୍ରଜ୍ୱଳିତ ହେବା ସମୟରେ ସଞ୍ଜ ସଳିତାଟି ନିଜେ ତିଳ ତିଳ ହୋଇ ଦଗ୍ଧୀଭୂତ ହୋଇ ଅନ୍ୟକୁ ଆଲୋକ ଦେଖାଇଥାଏ। ଘୃତ ଅଥବା ତେଲର ପ୍ରୋତ୍ସାହନ ତାକୁ ଉଜ୍ଜ୍ୱଳରୁ ଉଜ୍ଜ୍ୱଳତର ଆଡକୁ ପ୍ରେରଣା ଦେଇଥାଏ। ମା' ନୀଳିମା ରାଣୀଙ୍କ ପ୍ରେରଣାରେ ସାମନ୍ତ ସାର୍ ପ୍ରଦୀପଟିଏ ନୁହେଁ, ଉଜ୍ଜ୍ୱଳ ଜ୍ୟୋତିଷ୍କଟିଏ ହୋଇ ଏ ମାଟିର ଶିକ୍ଷା ଆକାଶରେ ଉଦୀୟମାନ ହୋଇଛନ୍ତି। ନବେ ଦଶକରେ ସୃଷ୍ଟି ହୋଇଥିବା କ୍ଷୁଦ୍ର ଅନୁଷ୍ଠାନଟି ଆଜି ଦୁଇ ଦୁଇଟି ଡିମ୍‌ଡ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ ହୋଇ ଶିକ୍ଷା ଆକାଶରେ ଏକ ମାଇଲ ଖୁଣ୍ଟ ସ୍ଥାପନ କରିପାରିଛି। କିମସ୍ ଭଳି ଏକ ଅତ୍ୟାଧୁନିକ ଚିକିତ୍ସା ବିଜ୍ଞାନ କେନ୍ଦ୍ର କେବଳ ରୋଗୀସେବା ନୁହେଁ; ଡାକ୍ତର, ନର୍ସ ସୃଷ୍ଟି କରୁଥିବା ଏକ ମଣିଷ ତିଆରି କାରଖାନାରେ ରୂପାନ୍ତରିତ ହୋଇପାରିଛି।

ରସାୟନ ବିଜ୍ଞାନରେ ଅଧ୍ୟାପନା କାର୍ଯ୍ୟ ଆରମ୍ଭ କରିଥିବା ଜୀବନ ଅଧ୍ୟାପକ ହୋଇ ରହିଯାଇଥିଲେ ବୋଧେ ପରିସର ସୀମିତ ହୋଇଯାଇଥା'ନ୍ତା। ମାତ୍ର ଜଗତ କଲ୍ୟାଣ ଯାହାର ଲକ୍ଷ୍ୟ, ଶିକ୍ଷାର କିରଣ ବୁଣିବା ପାଇଁ ଯିଏ ପ୍ରେରିତ, ସିଏ ସୀମିତ ହୋଇ ରହିଥା'ନ୍ତେ ବା କିପରି ? ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଉଚ୍ଚଶିକ୍ଷା ନିମନ୍ତେ ଆଗେଇ ଆସୁଛନ୍ତି ଅନେକ ବିଦ୍ୟାର୍ଥୀ। ଶିକ୍ଷାକ୍ଷେତ୍ରରେ ଅନ୍ତର୍ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନ କିଟ୍‌ରେ ନିଜର ଭବିଷ୍ୟତ ଜୀବନ ଗଢ଼ିବାକୁ ଅନେକ ଇଚ୍ଛା ବ୍ୟକ୍ତ କରିଥା'ନ୍ତି। ନିଜକୁ କିଟିଆନ୍ ଭାବେ ତିଆରି କରି, ଅନେକ ସୁନାମଧନ୍ୟ, ଅଗ୍ରଣୀ ଅନୁଷ୍ଠାନରେ ନିଜ ନିଜ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରି ଅନୁଷ୍ଠାନକୁ ଗୌରବାନ୍ୱିତ କରୁଛନ୍ତି।

ବଣର ମଲ୍ଲୀ ବଣରେ ଫୁଟି ମଉଳିଗଲେ କେହି ତା'ର ମହନୀୟ ସୁଗନ୍ଧକୁ ଜାଣିପାରି ନ ଥା'ନ୍ତି; ମାତ୍ର ତାକୁ ଚିହ୍ନି ଠାକୁରଙ୍କ ପୂଜାରେ ଲଗାଉଥିବା ଲୋକ ହିଁ ମହାନ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଅବହେଳିତ ଅବସ୍ଥାରେ ଥିବା ଜନଜାତି ପିଲାଙ୍କୁ ଉଦ୍ଧାର କରି ଶିକ୍ଷାଦାନ କରି ସେମାନଙ୍କର ଜୀବନ ଜୀବିକାର ମୋଡ଼ ବଦଳେଇ ଦେଇଛନ୍ତି। କିସ୍ ଏକମାତ୍ର ଅନୁଷ୍ଠାନ, ଯେଉଁଠାରେ ତିରିଶ ହଜାର ଛାତ୍ରଛାତ୍ରୀ କେଜି ଠାରୁ ପିଜି ପର୍ଯ୍ୟନ୍ତ ନିଃଶୁଳ୍କ ପାଠ ପଢ଼ିଥା'ନ୍ତି। ଶିକ୍ଷା ପରେ ନୂତନ ଦିଗନ୍ତକୁ ଯିବାକୁ ପ୍ରେରଣା ଯୋଗାଇଛନ୍ତି। କେବଳ ଶିକ୍ଷା ନୁହେଁ, ସେମାନଙ୍କ ମଧ୍ୟରେ ଲୁକ୍କାୟିତ ଥିବା ଅନ୍ତର୍ନିହିତ ଗୁଣାବଳୀକୁ ପ୍ରସ୍ଫୁଟିତ କରିବା ପାଇଁ ଯତ୍ନବାନ୍। କ୍ରୀଡ଼ାର ପ୍ରସାର ନିମନ୍ତେ ସର୍ବଦା ଚେଷ୍ଟିତ। କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହିତ କରାଇବା, ସେମାନଙ୍କ ମଧ୍ୟରେ ଥିବା କ୍ରୀଡ଼ାନୈପୁଣ୍ୟକୁ ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ଉପସ୍ଥାପିତ ଅନେକ ଆନ୍ତର୍ଜାତିକ କ୍ରୀଡ଼ାକୁ କିଟ୍‌ର କ୍ରୀଡ଼ାଙ୍ଗନରେ ଉପସ୍ଥାପନ କରିବାରେ ତାଙ୍କର ଭୂମିକା ଅବିସ୍ମରଣୀୟ।

କରୋନା କବଳରେ ନିଜର ପିତାମାତାଙ୍କୁ ହରେଇ ଅନାଥ ଶିଶୁଙ୍କୁ ଆଶ୍ରାର କରିନେବାରେ ସେ ଅନ୍ୟ ପାଇଁ ଉଦାହରଣ ହୋଇଛନ୍ତି। ଅନେକ ବାପାମା'ଙ୍କୁ ହରେଇଥିବା ସନ୍ତାନମାନଙ୍କର ଗୁରୁଦାୟିତ୍ୱ ସେ ନିଜ ହାତକୁ ନେଇଛନ୍ତି। ନିଜେ ଅବିବାହିତ ହୋଇ ମଧ୍ୟ ବାପା-ମା' ଉଭୟଙ୍କର ଗୁରୁଦାୟିତ୍ୱ ନିଜ କାନ୍ଧରେ ବୋହି ସେମାନଙ୍କୁ ସମାଜରେ ମଣିଷ ଭଳି ମଣିଷଟିଏ ଗଢ଼ିତୋଳିବାର କାର୍ଯ୍ୟ ଜାରି ରଖିଛନ୍ତି।

ଅଧୁନା ଅନେକ ସହରର ଚାକଚକ୍ୟ ମଧ୍ୟରେ ରହି ନିଜର ଗାଁ, ମା', ମାଟି, ସାଥୀ ସହୋଦରଙ୍କୁ ଭୁଲିଯାଆନ୍ତି। ଏହାର ବ୍ୟତିକ୍ରମ ସାମନ୍ତ ସାର୍‌ଙ୍କ ସମ୍ମାନଜନକ ପଦପଦବୀରେ ରହି, ଅନେକ ଗୁରୁଦାୟିତ୍ୱରେ ଜଡ଼ିତ ଥିଲେ ମଧ୍ୟ ଜନ୍ମମାଟିକୁ ଭଲ ପାଉଥିବା ଦରଦୀ ମଣିଷଟିଏ। ନିଜ ଗାଁରେ ସହରର ସମସ୍ତ ସୁବିଧା, ନିଜର ଗ୍ରାମକୁ ଦେଶର ପ୍ରଥମ ସ୍ମାର୍ଟ ଭିଲେଜ୍ ଭାବେ ଗଢ଼ିତୋଳିବା, ପିଲାମାନେ ଏହି ଗ୍ରାମରେ ପଢ଼ିବା ପାଇଁ ଓଡ଼ିଆ ଓ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସ୍ଥାପନ, ସାଥୀ ସହକର୍ମୀଙ୍କୁ ଅନାବିଳ ଭାବେ ଭଲପାଇବା, ସେମାନଙ୍କର ଦୁଃଖସୁଖରେ ସେମାନଙ୍କ କାର୍ଯ୍ୟରେ ସାମିଲ ହେବା ତାଙ୍କର ଜନ୍ମମାଟିକୁ ଭଲପାଇବାକୁ ସୂଚାଉଛି।

ଡଃ. ଅଚ୍ୟୁତ ସାମନ୍ତ ସାର୍ ଜଣେ ବ୍ୟକ୍ତି ନୁହନ୍ତି, ଏକ ଅନୁଷ୍ଠାନ। ଏତେଗୁଡ଼ିଏ ଅନୁଷ୍ଠାନର ପ୍ରାଣପ୍ରତିଷ୍ଠାତା। ସମୟାନୁବର୍ତ୍ତିତା ତାଙ୍କଠାରୁ ଶିକ୍ଷଣୀୟ। କମ୍ କଥାରେ ସାରଗର୍ଭକ କଥା କହି ଅନ୍ୟମାନଙ୍କ ହୃଦୟ ଜିତିଯା'ନ୍ତି। ସରଳ, ନିରାଡ଼ମ୍ବର, ସାଧାରଣ ଜୀବନଚର୍ଯ୍ୟା, ପରକୁ ଆପଣାର କରିବାର ଗୁଣ, ପର ଦୁଃଖରେ ଦୁଃଖୀ ଏହି ବ୍ୟକ୍ତିତ୍ୱଙ୍କର ନିଜର ଦାୟିତ୍ୱବୋଧ, କର୍ତ୍ତବ୍ୟପରାୟଣତାରେ ସଦାସର୍ବଦା ତତ୍ପର। ଜଣେ ସମଦର୍ଶୀ ସମୟାନୁବର୍ତ୍ତୀ, ଛାତ୍ରବତ୍ସଳ, ଦୂରଦ୍ରଷ୍ଟା, ଦିଗ୍‌ଦ୍ରଷ୍ଟା, ସଫଳ ବ୍ୟକ୍ତି ଭାବେ ଜୀବନ ସଂଗ୍ରାମରେ ପ୍ରତିପାଦିତ କରିଛନ୍ତି। ସମୟ ସ୍ରୋତରେ ଗତିଶୀଳ ହୋଇ ସଫଳତାର ଶୀର୍ଷ ସ୍ପର୍ଶ କରିଥିଲେ ମଧ୍ୟ ଅତୀତକୁ କେବେ ଭୁଲିନାହାନ୍ତି।

ଅତୀତ କଥାକୁ ଭୁଲି ନ ଯାଇ, କୃତଘ୍ନ ନ ହୋଇ କୃତଜ୍ଞ ରହିବା ପାଇଁ ପରାମର୍ଶ ପ୍ରେରଣାଦାୟୀ। ଏହିଭଳି ଜଣେ ମହାନ ଗୁରୁ ଡଃ. ଅଚ୍ୟୁତ ସାମନ୍ତ ସାର୍‌ଙ୍କୁ କୋଟି ପ୍ରଣାମ! ଆଜିର କୁଜାଯାଇବାପରେ-ଗୁରୁ ସେ ମହାନ ପବନ, କାଠକୁ କରନ୍ତି ଚନ୍ଦନ। ଗୁରୁ ହିଁ କେବଳମ୍ ଗୁରୁ ହିଁ କେବଳମ୍।

-ଛାତ୍ର ଇଂ. ରାଜଶେଖର ଲାହା, ମୋ: ୯୩୩୭୭୭୦୭୭୭

## ଆଜିର ଅନୁଚିନ୍ତା

ଚୋରଘରୁ ଯଦି ଅନ୍ୟ କେହି ଜଣେ ଚୋରି କରେ, ତେବେ ସେ ଚୋରକୁ ଭଲ ଲାଗିବ ତ ?

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ବାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ବାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

# ଗୁରୁ ହିଁ ସାକ୍ଷାତ ଈଶ୍ୱର



ଜଣେ ଆଦର୍ଶ ଛାତ୍ର ତିଆରି କରିବାର ଗୁରୁ ଦାୟିତ୍ୱଟି ସଦାସର୍ବଦା ନ୍ୟସ୍ତ ଥାଏ ଜଣେ ଗୁରୁଙ୍କ ଉପରେ। ଗୁରୁମାନେ ହିଁ ପ୍ରକାରାନ୍ତରେ ସମାଜ ସଂସ୍କାରକ। ସମାଜର ମଙ୍ଗଳ ତଥା କଲ୍ୟାଣ ଚିନ୍ତା କରି ସେମାନଙ୍କର ଜ୍ଞାନ, ଆଦର୍ଶ, ଗୁଣ ଓ ବ୍ୟବହାର ମାଧ୍ୟମରେ ଉତ୍ତମ ଛାତ୍ର ବା ଶିଷ୍ୟ ନିର୍ମାଣ କରିଥାନ୍ତି। ଗୁରୁ ଶବ୍ଦର 'ଗୁ' ଅକ୍ଷରର ଅର୍ଥ ଗୁଣାତୀତ ଓ 'ରୁ' ଅକ୍ଷରର ଅର୍ଥ ରୂପାତୀତ। ଅର୍ଥାତ୍ ଜଣେ ଆଦର୍ଶ ଗୁରୁ ସର୍ବଦା ଅତୁଳନୀୟ। ସେ ସାକ୍ଷାତ ତ୍ରିଦେବ ବା ବ୍ରହ୍ମା, ବିଷ୍ଣୁ ଓ ଶଙ୍କରଙ୍କ ସମ୍ମିଳିତ ଶକ୍ତି ଅଟନ୍ତି। ଶ୍ରୀକୃଷ୍ଣଙ୍କ ଗୁରୁ ଥିଲେ ଋଷି ସାନ୍ଦୀପନି। ଶ୍ରୀରାମଙ୍କ ଗୁରୁ ଥିଲେ ମହର୍ଷି ବଶିଷ୍ଠ। ବ୍ୟାସଦେବ ପିତାହେଲେ ବି ଶୁକଦେବଙ୍କ ଗୁରୁ ଓ ବିଶ୍ୱର ଗୁରୁ ଥିଲେ। ସ୍ୱାମୀ ହେଲେ ବି ଯାଜ୍ଞବଲକ୍ୟ ଥିଲେ ମୈତ୍ରେୟୀଙ୍କର ଗୁରୁ। ସେହିପରି ଅଷ୍ଟାବକ୍ର ଥିଲେ ଜନକଙ୍କର ଗୁରୁ, ଦ୍ରୋଣାଚାର୍ଯ୍ୟ ଥିଲେ ଏକଲବ୍ୟଙ୍କର ଗୁରୁ, ସକ୍ରେଟିଶ ଥିଲେ ପ୍ଲାଟୋଙ୍କର, ପ୍ଲାଟୋ ଥିଲେ ଆରିଷ୍ଟୋଟଲଙ୍କର ଓ ଆରିଷ୍ଟୋଟଲ ଥିଲେ ଆଲେକ୍‌ଜାଣ୍ଡାରଙ୍କର ଗୁରୁ। ସେହିପରି ବିବେକାନନ୍ଦଙ୍କ ଗୁରୁ ଥିଲେ ରାମକୃଷ୍ଣ ପରମହଂସ, ରାମକୃଷ୍ଣଙ୍କ ଗୁରୁ ଥିଲେ ଲଙ୍ଗୁଳିବାବା ବା ତୋତାପୁରୀ ବାବା, ନିଗମାନନ୍ଦଙ୍କ ଗୁରୁ ଥିଲେ ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ। ଗୁରୁ, ଶିଷ୍ୟଙ୍କ ତାଲିକାରେ ଏହିପରି ଅସଂଖ୍ୟ ନାମ ଅଛି ଯେଉଁମାନେ ନିଜ ନିଜର ନିଷ୍ଠା, ସାଧନା, ଅଧ୍ୟବସାୟ ଓ ଆଦର୍ଶ ବଳରେ ଯୁଗ ଯୁଗ ପାଇଁ ଅମର ହୋଇ ରହିଯାଇଛନ୍ତି।

ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଥିଲେ ସେହିଭଳି ଜଣେ ଆଦର୍ଶ ଗୁରୁ। ସେହି ମହାପୁରୁଷ ୧୮୮୮ ମସିହା ସେପ୍ଟେମ୍ବର ପାଞ୍ଚ ତାରିଖରେ ଏକ ହିନ୍ଦୁ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ସେ ଜଣେ ଆଦର୍ଶ ଛାତ୍ରବତ୍ସଳ ଶିକ୍ଷକ, ଜଣେ ମହାନ୍ ଦାର୍ଶନିକ, ବିଖ୍ୟାତ ଦେଶପ୍ରେମୀ, ସ୍ୱାଧୀନ ଭାରତର ଦ୍ୱିତୀୟ ରାଷ୍ଟ୍ରପତି। ବିଭିନ୍ନ ଶିକ୍ଷାନୁଷ୍ଠାନରେ ଅଧ୍ୟାପନା କରି ଓ ବିଭିନ୍ନ ବିଶ୍ୱବିଦ୍ୟାଳୟରେ କୁଳପତି ଆସନ ଅଳଙ୍କୃତ କରି ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ। ସେପ୍ଟେମ୍ବର ପାଞ୍ଚ ତାରିଖ ତାଙ୍କର ଜନ୍ମ ଦିବସଟିକୁ ସ୍ୱତନ୍ତ୍ର ଦିବସ ଭାବେ ପାଳନ କରିବାକୁ କେତେକ ଛାତ୍ର ଓ ବନ୍ଧୁ ଚାହିଁବାରୁ ସେ ସବୁ ଗୁରୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଭାବରେ ଗୁରୁଦିବସ ନାମରେ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଗୁରୁଙ୍କ ଗୌରବ ଓ ମର୍ଯ୍ୟାଦାକୁ ସେ ଭଲ ଭାବେ ଉପଲବ୍ଧି କରିଥିଲେ। ତାଙ୍କ ମତରେ ଯଦି ଗୁରୁ ଓ ଗୋବିନ୍ଦ ଗୋଟିଏ ସ୍ଥାନରେ ଥିବେ ତେବେ ଗୁରୁଙ୍କୁ ପ୍ରଥମେ ପ୍ରଣାମ କରିବା ଉଚିତ। ଗାନ୍ଧିଜୀଙ୍କ ମତରେ ବଡ଼ମାନଙ୍କ କଥା ମାନିବ, ସେମାନଙ୍କ ଦୋଷ ଦୁର୍ବଳତା ଧରିବ ନାହିଁ। ସେଥିପାଇଁ ଥରେ ସ୍କୁଲ ଇନିସ୍‌ପେକ୍ଟରଙ୍କ ସ୍କୁଲ ପରିଦର୍ଶନ ସମୟରେ ଗାନ୍ଧିଜୀ kettle ଶବ୍ଦଟିକୁ ଭୁଲ ଲେଖିଥିବାର ଦେଖି ଶ୍ରେଣୀ ଶିକ୍ଷକ ଜୋତା ମୁନରେ ଗାନ୍ଧିଜୀଙ୍କୁ ଠାରି ଦେଇଥିଲେ ପାଖ ପିଲାର ଖାତାରୁ ଦେଖି ବନାନ ଶୁଦ୍ଧ କରି ଲେଖିବାକୁ। ମାତ୍ର ସତ୍ୟ ଓ ଅହିଂସାର ପୂଜାରୀ ଗାନ୍ଧିଜୀ ତାହା କରି ନଥିଲେ ମଧ୍ୟ ସେହି ଶ୍ରେଣୀ ଶିକ୍ଷକଙ୍କ ପ୍ରତି ଉପଯୁକ୍ତ ଭକ୍ତି ଓ ସମ୍ମାନ ପ୍ରଦର୍ଶନରେ ତିଳେମାତ୍ର ହେଳା କରି ନଥିଲେ।

ରାଧାକ୍ରିଷ୍ଣନ ଜଣେ ଶିକ୍ଷକ ଭାବେ ନିଜର ଜୀବିକା ଆରମ୍ଭ କରିଥିଲେ। ପରେ ଶିକ୍ଷାଦାନକୁ ଏକ ନିଶାଭାବେ ଗ୍ରହଣ କରିନେଇ ଜୀବନଯାକ ଶିକ୍ଷକ ହୋଇ ରହିଗଲେ। ଶ୍ରେଣୀ ପ୍ରକୋଷ୍ଠରେ ଛାତ୍ରଛାତ୍ରୀଙ୍କୁ ସେ ପଢ଼ାଇ ଯେଉଁ ଆନନ୍ଦ ଲାଭ କରୁଥିଲେ ରାଜନେତାମାନଙ୍କୁ ମଧ୍ୟ ନୀତି, ମୂଲ୍ୟବୋଧ ଏବଂ ସଂସ୍କାର ସମ୍ପର୍କରେ ବୁଝାଉଥିବା ବେଳେ ଠିକ୍ ସେହିପରି ଆନନ୍ଦ ଲାଭ କରୁଥିଲେ। ସେ ରାଷ୍ଟ୍ରଦୂତ, ଉପରାଷ୍ଟ୍ରପତି ଏବଂ ରାଷ୍ଟ୍ରପତି ହୋଇଛନ୍ତି। ତାଙ୍କର ଜ୍ଞାନ ଏବଂ ସେବା ନିମନ୍ତେ ରାଷ୍ଟ୍ର ତାଙ୍କୁ ଭାରତରତ୍ନ ଉପାଧିରେ ଭୂଷିତ କରିଛି। କିନ୍ତୁ ଏହିସବୁ ମର୍ଯ୍ୟାଦାଜନକ ପଦବୀ ତାଙ୍କର ଶିକ୍ଷକ ପଦବୀ ନିକଟରେ ମଳିନ ପଡ଼ିଯାଇଛି। ଶିକ୍ଷକ ରାଧାକ୍ରିଷ୍ଣନଙ୍କ ସମ୍ମୁଖରେ ଏପରି ମହାନାୟକମାନଙ୍କ ମୁଣ୍ଡ ନଇଁ ଯାଇଛି ଯେଉଁମାନଙ୍କ ନାମ ଶୁଣିବା ମାତ୍ରେ ହୃତ୍‌କମ୍ପ ସୃଷ୍ଟି ହୋଇଥାଏ। ମାଓ-ସେ-ତୁଙ୍ଗ ଏବଂ ଯୋଶେଫ ଷ୍ଟାଲିନ୍ ପୃଥିବୀର କୌଣସି ରାଜାନେତାଙ୍କୁ ଖାତିର କରୁନଥିବା ବେଳେ ରାଧାକ୍ରିଷ୍ଣନଙ୍କ ଜ୍ଞାନ ଏବଂ ବ୍ୟକ୍ତିତ୍ୱ ନିକଟରେ ନତଃମସ୍ତକ ହୋଇଯାଉଥିଲେ। ପୋପ ମଧ୍ୟ ରାଧାକ୍ରିଷ୍ଣନଙ୍କ ଦାର୍ଶନିକ ତତ୍ତ୍ୱ ଏବଂ ପାଣ୍ଡିତ୍ୟରେ ବିମୁଗ୍ଧ ହୋଇ ତାଙ୍କୁ ସମ୍ମାନ ଜଣାଇବାକୁ କୁଣ୍ଠିତ ହେଉନଥିଲେ। ଇଂଲଣ୍ଡର ରାଣୀ ଏଲିଜାବେଥ୍ ପ୍ରୋଟକଲ୍ ଭାଙ୍ଗି ରାଧାକ୍ରିଷ୍ଣନଙ୍କୁ ପାଛୋଟି ନେବାକୁ ରେଳଷ୍ଟେସନକୁ ଆସୁଥିଲେ। ଦ୍ୱିତୀୟ ଥର ପାଇଁ ଉପରାଷ୍ଟ୍ରପତି ପଦ ଗ୍ରହଣ ନକରି ମାନ୍ଦ୍ରାଜ ଫେରିଯାଇ ଅଧ୍ୟାପନାରେ ନିଜକୁ ନିୟୋଜିତ କରିବାକୁ ରାଧାକ୍ରିଷ୍ଣନ ଇଚ୍ଛା କରୁଥିବା ବେଳେ ଇନ୍ଦିରାଙ୍କ ହାତରେ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ଖବର ପଠାଇଲେ ରାଧାକ୍ରିଷ୍ଣନଙ୍କ ବିନା ଦିଲ୍ଲୀରେ ତାଙ୍କ ପକ୍ଷରେ ରହିବା ଅତି କଷ୍ଟକର ହୋଇପଡ଼ିବ। କିନ୍ତୁ ସେହି ଇନ୍ଦିରା ଗାନ୍ଧୀ ଯେତେବେଳେ ପ୍ରଧାନମନ୍ତ୍ରୀ ହେଲେ ଏବଂ ରାଧାକ୍ରିଷ୍ଣନଙ୍କୁ ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି କରିବା ଲାଗି କେତେକ ନେତା ପ୍ରସ୍ତାବ ଦେଲେ, ସେତେବେଳେ ଇନ୍ଦିରା କହିଲେ ରାଷ୍ଟ୍ରପତି ଭବନରେ ଜଣେ ପିତା ନୁହେଁ ରାଷ୍ଟ୍ରପତି ଚାହାଁନ୍ତି। କାରଣ ରାଧାକ୍ରିଷ୍ଣନ ଯେପରି ପ୍ରତିଭା ଏବଂ ପ୍ରଜ୍ଞାର ଅଧିକାରୀ ଥିଲେ ତାହା ସମ୍ମୁଖରେ ଇନ୍ଦିରା ନିଜକୁ ନ୍ୟୂନ ଭାବିଲେ। ତାହା ହୋଇ ନ ଥିଲେ ସେ ଏପରି ମନ୍ତବ୍ୟ କଦାପି ଦେଇ ନଥାନ୍ତେ। ତାଙ୍କର ବ୍ୟକ୍ତିତ୍ୱ ଏବଂ ପାଣ୍ଡିତ୍ୟ ଷ୍ଟାଲିନଙ୍କୁ କେବଳ ଅଭିଭୂତ କରିନଥିଲା, ତାଙ୍କ ଚକ୍ଷୁରେ ଲୁହ ଆଣି ଦେଇଥିଲା। ମସ୍କୋରେ ଭାରତର ରାଷ୍ଟ୍ରଦୂତ ଭାବେ ରାଧାକ୍ରିଷ୍ଣନ୍ ଅଧିଷ୍ଠିତ ହେବା ପରେ ଷ୍ଟାଲିନ୍‌ଙ୍କୁ ସାକ୍ଷାତ କରିବାକୁ ଯାଇଥିଲେ। ଦ୍ୱିପାକ୍ଷିକ ସମ୍ପର୍କ ଏବଂ ଅନ୍ତର୍ଜାତୀୟ ଘଟଣାବଳୀ ଉପରେ ଉଭୟ ମତ ବିନିମୟ କରୁଥିବା ବେଳେ ହଠାତ୍ ଷ୍ଟାଲିନ୍ ଉତ୍ତେଜିତ ହୋଇ ଉଠିବାରୁ ତାଙ୍କୁ ଶାନ୍ତ କରିବାକୁ ଯାଇ ରାଧାକ୍ରିଷ୍ଣନ ତାଙ୍କ ପିଠି ଥାପୁଡ଼େଇ ଦେଇଥିଲେ। ତାଙ୍କର ଏହି ବ୍ୟବହାରରେ ଷ୍ଟାଲିନ୍ ବିସ୍ମିତ ହୋଇ ତାଙ୍କୁ ଚାହିଁବାରୁ ରାଧାକ୍ରିଷ୍ଣନ କହିଥିଲେ, "ମହାଶୟ ଏହି ବ୍ୟବହାର ଏହାପୂର୍ବରୁ ମୁଁ ପୋପ ଏବଂ ମାଓ-ସେ-ତୁଙ୍ଗଙ୍କ ସହିତ କରିଛି।" ଷ୍ଟାଲିନ୍ ତାଙ୍କର ଏହି ଉତ୍ତରରେ ଖୁସି ହୋଇ କହିଥିଲେ, "ସମସ୍ତେ ମତେ ରାକ୍ଷସ ବୋଲି ଭାବନ୍ତି। ଆପଣ ହେଉଛନ୍ତି ପ୍ରଥମ ବ୍ୟକ୍ତି ଯେକି ମତେ ମଣିଷ ଭାବି ମୋ' ସହିତ ଆଦରପୂର୍ଣ୍ଣ ବ୍ୟବହାର କଲେ।" ଏହା କହିବା ମାତ୍ରେ ଷ୍ଟାଲିନ୍‌ଙ୍କ ଦୁଇ ଚକ୍ଷୁରୁ ଲୁହ ନିଗିଡ଼ି ପଡ଼ିଥିଲା।

ରାଧାକ୍ରିଷ୍ଣନ ଅକ୍ସଫୋର୍ଡ଼କୁ ଯିବାବେଳେ ମହୀଶୂର ବିଶ୍ୱବିଦ୍ୟାଳୟର ଛାତ୍ରମାନେ ଏକ ହାତଟଣା ରିକ୍ସାରେ ତାଙ୍କୁ ବସାଇ ଷ୍ଟେସନ୍ ପର୍ଯ୍ୟନ୍ତ ଟାଣି ଟାଣି ନେଉଥିବା ବେଳେ ସେ ଅକ୍ସଫୋର୍ଡ଼ରେ କେଉଁ ବିଷୟରେ ଅଧ୍ୟୟନ କରିବାକୁ ଯାଉଛନ୍ତି ବୋଲି ଜଣେ ଛାତ୍ର ତାଙ୍କୁ ପ୍ରଶ୍ନ କରିବାରୁ ରାଧାକ୍ରିଷ୍ଣନ କହିଥିଲେ ସେ ଇଂରେଜମାନଙ୍କୁ ପଢ଼ାଇବାକୁ ଯାଉଛନ୍ତି। ଏପରିକି ମସ୍କୋରେ ସେ ରାଷ୍ଟ୍ରଦୂତ ଥିବାବେଳେ ମଧ୍ୟ ଅକ୍ସଫୋର୍ଡ଼କୁ ପଢ଼ାଇବାକୁ ଯାଉଥିଲେ। ସେ ବନାରସ ବିଶ୍ୱବିଦ୍ୟାଳୟର କୁଳପତି ଥିବା ସମୟରେ ସ୍ୱାଧୀନତା ସଂଗ୍ରାମୀମାନେ ବିଶ୍ୱବିଦ୍ୟାଳୟରେ ଆତ୍ମଗୋପନ କରିଥିଲେ। ସେମାନଙ୍କୁ ଗିରଫ କରିବା ପାଇଁ ପୁଲିସ ବିଶ୍ୱବିଦ୍ୟାଳୟ ହତାରେ ପ୍ରବେଶ କରିବାକୁ ଭୟ କରୁଥିଲେ। କାରଣ ରାଧାକ୍ରିଷ୍ଣନ ଯଦି ଚାହିଁବେ ତେବେ ବ୍ରିଟିଶ ପାର୍ଲାମେଣ୍ଟରେ ଏହି ଘଟଣାକୁ କେନ୍ଦ୍ରକରି ଆଲୋଡ଼ନ ସୃଷ୍ଟି କରିଦେଇପାରିବେ ବୋଲି କମିଶନରଙ୍କ ଭୟ ଥିଲା। ରାଧାକ୍ରିଷ୍ଣନ୍‌ଙ୍କ ପ୍ରଚଣ୍ଡ ଦେଶଭକ୍ତି ଓ ଉପସ୍ଥିତ ବୁଦ୍ଧି ବିଶ୍ୱରେ ଅଦ୍ୱିତୀୟ।



ଏପରି ଜଣେ ଶିକ୍ଷକ ଥିଲେ ବୋଲି ଆଜିର ଦୁନିଆରେ ହୁଏତ ଛାତ୍ରଛାତ୍ରୀମାନେ ବିଶ୍ୱାସ କରିବେ ନାହିଁ। ସେହିପରି ଜଣେ ଆଦର୍ଶ ଗୁରୁ ଓ ଆଦର୍ଶ ଛାତ୍ର ହେଲେ ଭାରତବର୍ଷର ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ. ଅବଦୁଲ କଲାମ, ଯାହାଙ୍କ ଜନ୍ମ ଦିବସକୁ 'ଛାତ୍ର ଦିବସ' ଭାବେ ପାଳନ କରାଯାଉଛି। ଜଣେ ଆଦର୍ଶ ଗୁରୁ ହିଁ ନିର୍ମାଣ କରି ପାରିଥିଲେ ଏଭଳି ଛାତ୍ରଟିଏ।

ଆଦର୍ଶ ଗୁରୁ ବେଳେବେଳେ ଶିଷ୍ୟମାନଙ୍କ ଉତ୍ତର ଶୁଣି ବିସ୍ମିତ ହୋଇପଡ଼ନ୍ତି। ସେହିପରି ଏକ ଘଟଣା। 'ସିକନ୍ଦର'ଙ୍କର ଗୁରୁ 'ଅରସ୍ତୁ' ଦିନେ ସିକନ୍ଦରଙ୍କ ସହ ଯାଉଥିଲେ। ବାଟରେ ଗୋଟିଏ ନଦୀ ପଡ଼ିଲା। ନଦୀଟି ପାଣିରେ ଭରପୂର ଥିଲା। ସେହି ସମୟରେ ଝଡ଼ତୋଫାନ ମାଡ଼ିଆସିଲା। ଗୁରୁଶିଷ୍ୟ ଅଡୁଆରେ ପଡ଼ିଗଲେ। ନଦୀ ପାରି ନ ହେଲେ ସେମାନେ ଆଗକୁ ଯାଇପାରିବେ ନାହିଁ। ସିକନ୍ଦର ଗୁରୁଙ୍କୁ କହିଲେ-ଗୁରୁଦେବ! ଆପଣ ମୋ ପଛେ ପଛେ ଆସନ୍ତୁ, ନଦୀ ପାର ହେବା। ଅରସ୍ତୁଙ୍କୁ ଏ କଥା ଅଡୁଆ ଅଡୁଆ ଲାଗିଲା। ତଥାପି ଶିଷ୍ୟଙ୍କ ପଛେ ପଛେ ଯିବାକୁ ବାଧ ହେଲେ।

ନଦୀ ପାର ହେଲା ପରେ ଅରସ୍ତୁ ସିକନ୍ଦରଙ୍କୁ କହିଲେ-ସିକନ୍ଦର! ତୁମର କଥା ମୋତେ ଖରାପ ଲାଗିଲା। ତୁମ ପଛେ ପଛେ ଯିବା ମୋ' ପାଇଁ ଅପମାନଜନକ ହେଲା। ସିକନ୍ଦର ଗୁରୁଙ୍କ ନିଷ୍କପଟ ହୃଦୟକୁ ବୁଝିପାରିଲେ। ସେ ଗୁରୁଙ୍କ ନିକଟରେ କ୍ଷମା ମାଗି କହିଲେ–ଗୁରୁଦେବ! ନଦୀ ପାର ହେବା ପ୍ରକୃତରେ ବିପଜ୍ଜନକ ଥିଲା। ଜାଣିଶୁଣି ପ୍ରଥମେ ଆପଣଙ୍କୁ ବିପଦକୁ କିପରି ଠେଲି ଦେଇଥାଆନ୍ତି ? ଆପଣଙ୍କ ଭଳି ଗୁରୁ ଥିଲେ ଶହ ଶହ ସିକନ୍ଦର ସୃଷ୍ଟି କରିପାରିବେ, କିନ୍ତୁ ଜଣେ ଅରସ୍ତୁ ସୃଷ୍ଟି କରିବା ସମ୍ଭବପର ନୁହେଁ, ଆପଣଙ୍କ ଅବର୍ତ୍ତମାନରେ।

ଶିଷ୍ୟଙ୍କଠାରୁ ଦାର୍ଶନିକ ତତ୍ତ୍ୱ ଓ ଯୁକ୍ତି ଶୁଣି ଗୁରୁ ଅରସ୍ତୁ ବିଶେଷ ଆନନ୍ଦିତ ହେଲେ। କୁଣ୍ଢେଇ ପକାଇ କହିଲେ-ସିକନ୍ଦର! ତୁମ ପ୍ରତି ଗୁରୁଙ୍କର ଆଶୀର୍ବାଦ ସବୁବେଳେ ରହିଛି। ତୁମେ ମଣିଷ ଭଳି ମଣିଷଟିଏ ହୋଇ ସାରା ବିଶ୍ୱରେ ନିଜ ନାମ ଉଜ୍ଜ୍ୱଳ କରିପାରିବ।

ଶିଷ୍ୟ ମନର ସମସ୍ତ ଆଶଙ୍କାକୁ ଦୂରୀଭୂତ କରି ତାକୁ ଖରାପ ବାଟରୁ ଭଲ ବାଟକୁ ଆଣିବାକୁ ସମର୍ଥ ହୋଇଥା'ନ୍ତି ଜଣେ ଆଦର୍ଶ ଗୁରୁ। ସେହିପରି ଜଣେ ଆଦର୍ଶ ଗୁରୁ ତଥା ଦାର୍ଶନିକ ଥିଲେ 'ସ୍ୱାମୀ ବିବେକାନନ୍ଦ'। ଏକଦା ସ୍ୱାମୀ ବିବେକାନନ୍ଦ ଏକ ଧର୍ମସଭାରେ ଯୋଗ ଦେଇଥିଲେ। ଶ୍ରୋତାମାନେ ମନଧ୍ୟାନ ଦେଇ ଶୁଣୁଥିଲେ ସ୍ୱାମୀଙ୍କ ବ୍ୟାଖ୍ୟା। କେହି କେହି ମଝିରେ ମଝିରେ ପ୍ରଶ୍ନ ପଚାରୁଥିଲେ ଓ ସ୍ୱାମୀ ସେ ସବୁର ଉତ୍ତର ଅତି ପ୍ରାଞ୍ଜଳ ଭାବରେ ବୁଝାଇ ଦେଉଥିଲେ। ଶ୍ରୋତାଙ୍କ ଗହଣରେ ବସିଥିଲା 'ମୋହନ' ନାମକ ପିଲାଟିଏ। ସେ ଟିକିଏ ଦୁଷ୍ଟ ପ୍ରକୃତିର। ମୋହନ ମନେମନେ ଭାବିଲା, ସ୍ୱାମୀଙ୍କୁ ସେ ଏପରି ଏକ ପ୍ରଶ୍ନ ପଚାରିବ, ଯାହାର ଉତ୍ତର ସ୍ୱାମୀ ଦେଇ ନ ପାରି ଲଜ୍ଜିତ ହେବେ।

ଏହା ଭାବି ମୋହନ ଠିଆ ହୋଇପଡ଼ିଲା। ଅହଂକାର ଭାବ ଦେଖାଇ କହିଲା, ମୁଁ ଆପଣଙ୍କୁ ଯେଉଁ ପ୍ରଶ୍ନ ପଚାରିବି, ଆପଣ ଠିକ୍ ଠିକ୍ ଉତ୍ତର ଦେଇପାରିବେ ତ ? ନହେଲେ ଭାବିବି ଏ ଦୁନିଆରେ ସତ୍ ଉପଦେଶ ଦେବାପରି ମହାନ୍ ବ୍ୟକ୍ତି କେହି ନାହାନ୍ତି। ସ୍ୱାମୀ ସାମାନ୍ୟ ହସିଦେଇ ପ୍ରଶ୍ନଟି ପଚାରିବା ପାଇଁ ମୋହନକୁ କହିଲେ। ମୋହନ ପ୍ରଶ୍ନକଲା, ଶ୍ରୀକୃଷ୍ଣ ଖୁବ୍ ସୁନ୍ଦର ବଂଶୀ ବଜାଇ ପାରୁଥିଲେ। ଏପରିକି ତାଙ୍କ ବଂଶୀସ୍ୱନ ଶୁଣି ଗାଈ ଗୋଠରେ ଥାଇ ମଧ୍ୟ ତୃଣ ଛାଡ଼ି ଶ୍ରୀକୃଷ୍ଣଙ୍କ ଚାରିଆଡ଼େ ବେଢ଼ି ଯାଉଥିଲେ। ସତରେ କ'ଣ ଶ୍ରୀକୃଷ୍ଣଙ୍କ ବଂଶୀ ସ୍ୱନ ଏତେ ମଧୁର ଥିଲା? ସେ ବଂଶୀବାଦନ କରିବା କିଏ ଦେଖିଛି ନା ତାଙ୍କ ବଂଶୀସ୍ୱନ କିଏ ଶୁଣିଛି ଯେ ଜାଣିବ ? ମୋହନ ପ୍ରଶ୍ନ ଶୁଣି ସମସ୍ତ ଶ୍ରୋତା ସ୍ୱାମୀଙ୍କୁ ଚାହିଁ ରହିଲେ। ସ୍ୱାମୀ କହିଲେ, ମୋହନ ତୁମ ସ୍ଥାନରେ ବସିରହ। ମୁଁ ତୁମ ପ୍ରଶ୍ନର ଉତ୍ତର ଖୋଜିବାକୁ ଚେଷ୍ଟା କରିବି। କିଛି ସମୟ ପରେ ସ୍ୱାମୀ ଏକ ସୁନ୍ଦର ଗଳ୍ପ କହିବା ଆରମ୍ଭ କଲେ। ମୋହନ ଭାବିଲା, ସ୍ୱାମୀ ବୋଧହୁଏ ତା' ପ୍ରଶ୍ନର ଉତ୍ତର ନ ଦେଇ ଭୁଲାଇ ଦେବାକୁ ଚେଷ୍ଟାକରି ଗପ କହିବା ଆରମ୍ଭ କଲେ। ତଥାପି ସମସ୍ତଙ୍କ ପରି ସେ ମଧ୍ୟ ଗପଟିକୁ ଶୁଣିଲା। ଧୀରେ ଧୀରେ ଗପଟି ବେଶ୍ ଶୁଣିବା ପାଇଁ ଭଲ ଲାଗିଲା। ହଠାତ୍ ସ୍ୱାମୀ ଗପଟି କହୁ କହୁ ଚାଲିବାକୁ ଆରମ୍ଭ କଲେ। ସମସ୍ତ ଶ୍ରୋତା ମଧ୍ୟ ଚାଲିଲେ ତାଙ୍କ ପଛେ ପଛେ। ମୋହନ ମଧ୍ୟ ସେମାନଙ୍କ ମଧ୍ୟରେ ଥାଏ। କିଛି ସମୟ ପରେ ସ୍ୱାମୀ ପୁଣି ସ୍ଥାନ ପରିବର୍ତ୍ତନ କଲେ। ଗପଟି ଶୁଣିବାକୁ ଏତେ ମଜା ଲାଗୁଥାଏ ଯେ ସମସ୍ତ ଶ୍ରୋତା ସ୍ୱାମୀଙ୍କ ପଛେ ପଛେ ଚାଲିଥାଆନ୍ତି। ମୋହନ ମଧ୍ୟ। ସେ ଇତିମଧ୍ୟରେ ତା' ପ୍ରଶ୍ନ କଥା ଭୁଲି ଯାଇଥିଲା। ଶେଷରେ ସ୍ୱାମୀ ଗପଟିକୁ ଶେଷ କଲେ। ମୋହନକୁ ଗପଟି ଏତେ ଭଲ ଲାଗିଥାଏ ଯେ, ସ୍ୱାମୀଙ୍କୁ ଅନୁରୋଧ କଲା ଆଉ ଏକ ଗପ ଶୁଣାଇବାକୁ।

ସ୍ୱାମୀ କହିଲେ, ମୋହନ ଏହିପରି ଗପ ଶୁଣିବାକୁ ହେଲେ ମୋ ସାଙ୍ଗରେ ବହୁତ ଦୂର ଯିବାକୁ ହେବ। ମୋହନ କହିଲା, ହେ ସ୍ୱାମୀ! ଏପରି ମଜା ଗପ ଶୁଣିବା ପାଇଁ ଆପଣ ଯେଉଁଆଡ଼େ ଯିବେ ମୁଁ ଆପଣଙ୍କ ସାଙ୍ଗରେ ଯିବାକୁ ପ୍ରସ୍ତୁତ ଅଛି। ସ୍ୱାମୀ ଏଥର ଶ୍ରୋତାଙ୍କୁ ଚାହିଁ କହିଲେ, ଶ୍ରୋତାମଣ୍ଡଳି-ମୋହନ ତା'ର ପ୍ରଶ୍ନର ଉତ୍ତର ପାଇସାରିଛି। ମୋହନ କିଛି ବୁଝିପାରିଲା ନାହିଁ। ଭାବିଲା ଉତ୍ତର ନ ଦେଇ ଏପରି କ'ଣ କହୁଛନ୍ତି ସ୍ୱାମୀ! ଶ୍ରୋତାଗଣ ମଧ୍ୟ ଅବାକ୍।

ସ୍ୱାମୀ ଏଥର ବୁଝାଇଦେଲେ। କହିଲେ, ମୋହନ ମୋ'ଠାରୁ ଗପ ଶୁଣିବାକୁ ଏତେ ଉତ୍ସାହ ପ୍ରକାଶ କରୁଛି ଯେ ମୁଁ ଯେତେ ଦୂରକୁ ଗଲେ ମଧ୍ୟ ମୋ' ସହ ଯିବାକୁ କହୁଛି। ଠିକ୍ ସେହିପରି ଶ୍ରୀକୃଷ୍ଣଙ୍କ ବଂଶୀସ୍ୱନ ମୋ' ଗପଠାରୁ କାହିଁ କେତେଗୁଣ ମଧୁର ଥିଲା, ଯାହାଫଳରେ ମନୁଷ୍ୟ କାହିଁକି ଗାଈ ମଧ୍ୟ ଆକୃଷ୍ଟ ହେଉଥିଲେ। ଏହା ମଧ୍ୟ ସମସ୍ତେ ଅନୁମାନ କରିପାରୁଥିବେ। ମିଠାକୁ ପିମ୍ପୁଡ଼ି ଘେରି ରହିଲା ପରି ମଧୁର ଭାଷା ଓ ମଧୁର ବ୍ୟବହାର ଅନ୍ୟମାନଙ୍କୁ ନିଜ ଆଡ଼କୁ ମଧ୍ୟ ଆକୃଷ୍ଟ କରିଥାଏ, ଠିକ୍ ଯେପରି ଶ୍ରୀକୃଷ୍ଣଙ୍କ ବଂଶୀର ମଧୁର ମୂର୍ଚ୍ଛନା।

ମୋହନ ଏଥର ବୁଝିପାରିଲା। ସ୍ୱାମୀଙ୍କୁ ପ୍ରଣାମ କରି କହିଲା, ମୁଁ ଏଥର ମଧୁର ବ୍ୟବହାର ଜରିଆରେ ଲୋକଙ୍କ ମନକୁ ଜୟ କରିବି, ଯେପରି ସମସ୍ତେ ମୋତେ ଆଦର କରି ମୋ' ଆଡ଼କୁ ଆକର୍ଷିତ ହେବେ। ସ୍ୱାମୀଙ୍କ ମୁହଁରେ ସ୍ମିତହସଟିଏ ଖେଳିଗଲା। ସେ ମୋହନକୁ ଆଶୀର୍ବାଦ କଲେ। ବାସ୍ତବିକ୍ ଗୁରୁ ଚାହିଁଲେ ଅସମ୍ଭବକୁ ସମ୍ଭବ କରିଦେଇପାରନ୍ତି।

ଆଜି ସାରା ପୃଥିବୀରେ ଶିକ୍ଷା ବ୍ୟବସ୍ଥା ବିଶୃଙ୍ଖଳିତ ହୋଇପଡ଼ିଛି। ଏହାକୁ ସଜାଡ଼ିବାକୁ ହେଲେ ପ୍ରଥମେ ଶିକ୍ଷାବ୍ୟବସ୍ଥାକୁ ରାଜନୀତିମୁକ୍ତ କରାଯିବା ଉଚିତ। ଉଭୟ ଶିକ୍ଷକ ସମାଜ ଓ ଛାତ୍ରସମାଜଙ୍କର ସହଯୋଗରେ ଜାତିର ପିତା ଗାନ୍ଧିଜୀଙ୍କର ଇପ୍‌ସିତ ରାମରାଜ୍ୟ ଶୀଘ୍ର ପ୍ରତିଷ୍ଠିତ ହେଉ, ଏହାହିଁ ଗୁରୁଦିବସରେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।

ଡ. ପ୍ରତିଭା ମହାରଥୀ
ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର
ମୋ-୯୪୩୭୦୩୬୮୦୯

# ଗୁରୁକୁଳ ତିଳକ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍





ମାଲାଲା ୟୁସୁଫଜାଇଙ୍କ ମତରେ "ଗୋଟିଏ ପୁସ୍ତକ, ଗୋଟିଏ କଲମ, ଗୋଟିଏ ପିଲା ଏବଂ ଜଣେ ଶିକ୍ଷକ ଜଗତକୁ ପରିବର୍ତ୍ତନ କରିପାରିବ।" ବୃତ୍ତି ଅନୁସାରେ ଜଣେ ଡାକ୍ତର ମଣିଷକୁ ସୁସ୍ଥ ରଖିବାକୁ କାମ କରନ୍ତି। ଜଣେ ଇଞ୍ଜିନିୟର୍ ବିଭିନ୍ନ ଡିଜାଇନ୍ ପ୍ରସ୍ତୁତ କରିଥା'ନ୍ତି; ମାତ୍ର ଜଣେ ଶିକ୍ଷକ ସହାୟକ ଭୂମିକାରେ ଅବତୀର୍ଣ୍ଣ ହୋଇ ଆମକୁ ସାମାଜିକ ଦାୟିତ୍ୱ ସମ୍ପର୍କରେ ସଚେତନ କରାଇଥା'ନ୍ତି। ସ୍ୱଭାବତଃ ଜ୍ଞାନର ଜାଗରଣ କରାଇବା, ପ୍ରେରଣାରେ ମନକୁ ଦୀପ୍ତିମନ୍ତ କରିବା ଏବଂ ସୃଜନଶୀଳ ଚିନ୍ତାଧାରାରେ ବ୍ୟକ୍ତିକୁ ଅଭିଷିକ୍ତ କରିବାର ଗୁରୁଦାୟିତ୍ୱ ହିଁ ଶିକ୍ଷକ ସଂପାଦନ କରିଥା'ନ୍ତି। ତେଣୁ ସମାଜକୁ ପରିବର୍ତ୍ତନ କରିବାରେ ଶିକ୍ଷକଙ୍କର ଅସୀମ କ୍ଷମତା ରହିଛି। ଏହି ପରିପ୍ରେକ୍ଷୀରେ ଶିକ୍ଷକଙ୍କୁ ଜଣେ ଉତ୍ତମ ବନ୍ଧୁ, ଦାର୍ଶନିକ ଏବଂ ନିର୍ଦ୍ଦେଶକ ବୋଲି କୁହାଯାଇଥାଏ। ଦୀର୍ଘ ସମୟ ପିତାମାତାଙ୍କ ଗହଣରେ ରହୁଥିବା ଛାତ୍ରର ଚରିତ୍ର ଗଠନ, ନୈତିକତା ଓ ଭାବପ୍ରବଣତାକୁ ଶିକ୍ଷକ ହିଁ ସମାଜରେ ରୂପାୟିତ କରିଥା'ନ୍ତି। ସେଥିପାଇଁ ଭକ୍ତ ଓ ଭଗବାନଙ୍କ ପରି ଗୁରୁ-ଛାତ୍ର ମଧ୍ୟରେ ନିବିଡ଼ ସମ୍ପର୍କ ସମାଜରେ ପବିତ୍ର ପାବନୀ ସ୍ରୋତସ୍ୱିନୀ ଗଙ୍ଗା ପରି ସଦାସର୍ବଦା ପ୍ରବହମାନ ହୋଇଆସିଛି। ବାସ୍ତବିକ୍ ଆମକୁ ଉପଯୁକ୍ତ ମାର୍ଗ ପ୍ରଦର୍ଶନ କରାଇବାରେ ଯେଉଁ ଶିକ୍ଷକଙ୍କ ଅବଦାନ ଅନୁପମ, ତାଙ୍କର ଗୁଣଗାନକୁ ଶବ୍ଦରେ ବ୍ୟାଖ୍ୟାନ କରିବା ଅସମ୍ଭବ।

ଏହିପରି ଜଣେ ମହାନ୍ ଗୁରୁଙ୍କୁ ଭେଟି ସେଦିନ ତାଙ୍କର ଛାତ୍ର ଏବଂ ବନ୍ଧୁମାନେ ତାଙ୍କର ଜନ୍ମଦିନ ପାଳନ କରିବାକୁ ତାଙ୍କଠାରୁ ଅନୁମତି ଲୋଡ଼ିଥିଲେ। ସେ ଥିଲେ ଭାରତର ପ୍ରଥମ ଉପରାଷ୍ଟ୍ରପତି, ଦ୍ୱିତୀୟ ରାଷ୍ଟ୍ରପତି ପ୍ରଫେସର୍ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍। ସେ ୧୯୬୨ରୁ ୧୯୬୭ ପର୍ଯ୍ୟନ୍ତ ଭାରତର ରାଷ୍ଟ୍ରପତି ଥିଲେ। ନିଜର ଜନ୍ମଦିନ ପାଳନ ସମ୍ପର୍କରେ ସେ ମତ ଦେଇଥିଲେ ଯେ ମୋର ଜନ୍ମଦିନ ପାଳନ କରିବା ପରିବର୍ତ୍ତେ ଯଦି ସେପ୍ଟେମ୍ବର ପାଞ୍ଚକୁ ଶିକ୍ଷକ ଦିବସ ରୂପେ ପାଳନ କରାଯାଏ, ତେବେ ଏହା ହେବ ମୋ' ପାଇଁ ଗର୍ବର ବିଷୟ। ସେହିବର୍ଷ ୧୯୬୨ଠାରୁ ସେପ୍ଟେମ୍ବର ୫କୁ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମଦିନ ଉପଲକ୍ଷେ 'ଗୁରୁ ଦିବସ' ବା 'ଶିକ୍ଷକ ଦିବସ' ରୂପରେ ଭାରତରେ ପାଳନ କରାଯାଇଆସୁଅଛି। ପରବର୍ତ୍ତୀ ସମୟରେ ଆନ୍ତର୍ଜାତିକ ଶିକ୍ଷକ ସଂଗଠନ, ୟୁନିସେଫ୍ ଏବଂ ଶିକ୍ଷା ଇଣ୍ଟରନ୍ୟାସନାଲ୍ ସହଭାଗିତାରେ ୧୯୯୪ ମସିହାରୁ ୫ ଅକ୍ଟୋବରକୁ 'ବିଶ୍ୱ ଶିକ୍ଷକ ଦିବସ' ରୂପେ ପାଳନ କରାଯାଉଛି।

ରାଧାକ୍ରିଷ୍ଣନ୍ ବର୍ତ୍ତମାନର ତାମିଲନାଡୁ, ଭାରତର ମାଡ୍ରାସ ପ୍ରେସିଡେନ୍‌ସି, ତିରୁତାନିଠାରେ ତେଲ୍‌ଗୁ ଭାଷାଭାଷୀ ଏକ ବ୍ରାହ୍ମଣ ପରିବାରରେ ୧୮୮୮ ମସିହା ସେପ୍ଟେମ୍ବର ୫ ତାରିଖରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ସର୍ବପଲ୍ଲୀ ବୀରସ୍ୱାମୀ ଓ ମାତାଙ୍କ ନାମ ସର୍ବପଲ୍ଲୀ ସୀତା ଦେବୀ। ରାଧାକ୍ରିଷ୍ଣନ୍‌ଙ୍କ ବାପା ତଦାନୀନ୍ତନ ଜମିଦାରଙ୍କ ଅଧିନରେ ଜଣେ ରାଜସ୍ୱ ଅଧିକାରୀ ଭାବେ କାମ କରୁଥିଲେ। ଯଦିଓ ତାଙ୍କ ପରିବାର ଆନ୍ଧ୍ରପ୍ରଦେଶର ନେଲୋର ଜିଲ୍ଲା ସର୍ବପଲ୍ଲୀ ଗ୍ରାମରେ ରହୁଥିଲେ, ସେ କିନ୍ତୁ ତିରୁତାନି ଓ ତିରୁପତି ସହରରେ ରହି ତାଙ୍କ ଶିକ୍ଷା ସମାପ୍ତ କରିଥିଲେ। ତାଙ୍କର ପ୍ରାଥମିକ ଶିକ୍ଷା ତିରୁତାନୀ କେ.ଭି. ହାଇସ୍କୁଲରେ ଆରମ୍ଭ ହୋଇଥିଲେ ବି ପରବର୍ତ୍ତୀ ସମୟରେ ୧୮୯୬ରେ ତିରୁପତିର ହରମାନ୍‌ସବର୍ଗ ଇଭାନେଜିକାଲ୍ ଲୁଥେରାନ୍ ମିଶନ୍ ସ୍କୁଲ ଏବଂ ୱାଲାଜାପେଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ସ୍ଥାନାନ୍ତରିତ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ମାଡ୍ରାସ ଖ୍ରୀଷ୍ଟିୟାନ କଲେଜରୁ ତାଙ୍କର ପ୍ରଥମ ବର୍ଷ କଳା, ବିଏ ଏବଂ ଦର୍ଶନ ଶାସ୍ତ୍ରରେ ଏମ୍.ଏ. ଡିଗ୍ରୀ ହାସଲ କରିଥିଲେ।

ତା'ପରେ ମାଡ୍ରାସ ପ୍ରେସିଡ଼େନ୍‌ସି କଲେଜ, ମହୀଶୂର ମହାରାଜା କଲେଜ, କଲିକତା ବିଶ୍ୱବିଦ୍ୟାଳୟ ଅକ୍ସଫୋର୍ଡ଼, ମାଞ୍ଚେଷ୍ଟର କଲେଜ, ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଏବଂ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବେ ବିଭିନ୍ନ ଉଚ୍ଚ ପଦପଦବୀରେ ରହି ଦର୍ଶନ ଶାସ୍ତ୍ର ଏବଂ ପ୍ରଶାସନିକ ଦକ୍ଷତାର ପରିଚୟ ପ୍ରଦାନ କରିଥିଲେ। ତାଙ୍କର ଦାର୍ଶନିକ ଚିନ୍ତାଧାରା ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦାର୍ଶନିକମାନଙ୍କ ମଧ୍ୟରେ ଏକ ସେତୁର ସଂଯୋଜକକାରୀ ଭାବେ ପରିଦୃଶ୍ୟମାନ ହୋଇଥାଏ। ମାଡ୍ରାସ ପ୍ରେସିଡ଼େନ୍‌ସି କଲେଜରେ ୧୯୦୯ରେ ଦର୍ଶନ ବିଭାଗ ଦ୍ୱାରା ଅଧ୍ୟାପକ ଭାବେ ନିଯୁକ୍ତି ପାଇ ସେହି ପ୍ରଥମ ସମୟରୁ ସେ ଲକ୍ଷ୍ୟ ରଖିଥିଲେ ଯେ ଛାତ୍ରମାନଙ୍କୁ ସର୍ବୋତ୍ତମ ଶିକ୍ଷା ପ୍ରଦାନ କରିବେ। ସେଥିପାଇଁ ତାଙ୍କ ଛାତ୍ରମାନେ ତାଙ୍କୁ ଖୁବ୍ ଭକ୍ତି ଓ ସମ୍ମାନ ପ୍ରଦର୍ଶନ କରୁଥିଲେ। ତାଙ୍କର ଶିକ୍ଷାଦାନ ଏତେ ଦୀପ୍ତିମନ୍ତ ଓ ପ୍ରଭାବଶାଳୀ ଥିଲା ଯେ ପ୍ରତ୍ୟେକଟି ଛାତ୍ର ଆତ୍ମସନ୍ତୋଷ ଲାଭ କରୁଥିଲେ। ଯେତେବେଳେ ରାଧାକ୍ରିଷ୍ଣନ୍ ୧୯୧୮ ମସିହାରୁ ଯୋଗ ଦେଇଥିବା ମହିଶୂର ମହାବିଦ୍ୟାଳୟ ଛାଡ଼ିଥିଲେ, ସେତେବେଳେ ତାଙ୍କ ପ୍ରିୟ ଛାତ୍ରମାନେ ତାଙ୍କୁ ଏକ ଫୁଲସଜ୍ଜିତ ରଥରେ ବସାଇ ସେ ରଥକୁ ଟାଣି ଟାଣି ରେଳ ଷ୍ଟେସନ ପର୍ଯ୍ୟନ୍ତ ନେଇ ଯାଇଥିଲେ ଓ ନିଜର ପ୍ରିୟ ଗୁରୁଙ୍କୁ ସେଠାରେ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ଏହାହିଁ ତାଙ୍କର ଛାତ୍ରବତ୍ସଳତାର ପ୍ରମାଣ ଦିଏ।

ରାଧାକ୍ରିଷ୍ଣନ୍ ସବୁବେଳେ ଶିକ୍ଷା ଓ ଜ୍ଞାନ ଉପରେ ଗୁରୁତ୍ୱ ପ୍ରଦାନ କରୁଥିଲେ। ଛାତ୍ର ଜୀବନରେ ସେ ଆର୍ଥିକ ସମସ୍ୟା ଦେଇ ଗତି କରୁଥିଲେ। ତଥାପି ଜ୍ଞାନ ଅର୍ଜନର ଦୃଢ଼ ପିପାସା ନିକଟରେ ଅର୍ଥ ଅନାଟନ ତାଙ୍କୁ ତାଙ୍କ ଲକ୍ଷ୍ୟପଥରୁ ବିଚ୍ୟୁତ କରିପାରି ନ ଥିଲା। ତେବେ ପରିବେଶ ଓ ପରିସ୍ଥିତିର ଚାପରେ ଉଚ୍ଚଶିକ୍ଷା ପାଇଁ ଦର୍ଶନ ବିଷୟ ପ୍ରତି ତାଙ୍କର ଆଗ୍ରହ ନଥିଲେ ବି ବହି କିଣିବା ପାଇଁ ଅର୍ଥର ଅଭାବ ତାଙ୍କୁ ଏହି ବିଷୟଟିକୁ ବାଛିବାକୁ ବାଧ କରିଥିଲା। ଏପରିକି ତାଙ୍କର ଜଣେ ସଂପର୍କୀୟ ଦର୍ଶନ ଶାସ୍ତ୍ର ସହ ଯିଏ ବି.ଏ. ପାଶ୍ କରିଥିଲେ; ରାଧାକ୍ରିଷ୍ଣନ୍‌ଙ୍କର ଏପରି ଅଭାବନୀୟ ପରିସ୍ଥିତି ଦେଖି ତାଙ୍କର ସମସ୍ତ ବହି ତାଙ୍କୁ ପ୍ରଦାନ କରିଥିଲେ। ତା'ଛଡ଼ା ରାଧାକ୍ରିଷ୍ଣନ୍ ନିଜର ଉଲ୍ଲେଖନୀୟ କୃତି ପାଇଁ ପ୍ରତି ମାସରେ ପାଉଥିବା ଛାତ୍ରବୃତ୍ତି ହିଁ ତାଙ୍କର ଉଚ୍ଚଶିକ୍ଷା ଆହରଣରେ ପାଥେୟ ହୋଇଥିଲା।

ରାଧାକ୍ରିଷ୍ଣନ୍ ଜଣେ ଛାତ୍ର-ଶିକ୍ଷକ ଥିଲେ। ସେଥିପାଇଁ ଅଧ୍ୟାପନାକୁ ଜୀବନ ପଥରେ ଆଦରି ନେଇ ଦର୍ଶନ ଶାସ୍ତ୍ର ଉପରେ ତାଙ୍କ ବିଦ୍‌ବତ୍ତାକୁ ପ୍ରମାଣ କରିଥିଲେ। ସାରା ଜୀବନ ଅଧ୍ୟୟନକୁ ନିଜର ବ୍ରତ ବୋଲି ସେ ମାନି ନେଇଥିଲେ। ପରବର୍ତ୍ତୀ ସମୟରେ ଦେଶର ରାଜନୀତିରେ ବିଭିନ୍ନ କ୍ଷେତ୍ରରେ ଅଂଶଗ୍ରହଣ କରି ଶୀର୍ଷସ୍ଥାନରେ ନିଜର ଆସନ ଅଳଂକୃତ କରିପାରିଥିଲେ ସୁଦ୍ଧା ତାଙ୍କର ଜୀବନ ଓ ଜୀବନାଦର୍ଶକୁ ସେ ଜଣେ ଲେଖକ ଭାବେ ଉତ୍ସର୍ଗ କରି ଯାଇଛନ୍ତି। ଭାରତୀୟ ଉପାଦାନକୁ ନେଇ ଜଣେ ଦାର୍ଶନିକ ଭାବେ ସେ ହିନ୍ଦୁଧର୍ମକୁ ଉଭୟ ବୈଦିକ ଓ ନୈତିକ ଦୃଷ୍ଟିରୁ ଶ୍ରେଷ୍ଠ ବୋଲି ପ୍ରମାଣିତ କରିପାରିଛନ୍ତି। ତାଙ୍କ ମତରେ ବେଦାନ୍ତ ହେଉଛି ଚରମ ଧର୍ମର ଧର୍ମ; କାରଣ ଏହା ସବୁଠାରୁ ପ୍ରତ୍ୟକ୍ଷ ଅନ୍ତର୍ନିହିତ ଅଭିଜ୍ଞତା ଓ ଆଭ୍ୟନ୍ତରୀଣ ଉପଲବ୍ଧିର ପରିଚାୟକ। ସେଥିପାଇଁ ସେ ନବ-ବେଦାନ୍ତ ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ରାଧାକ୍ରିଷ୍ଣନ୍ ଥିଲେ ଜଣେ ଦରଦୀ ଓ ମାନବବାଦୀ ରାଷ୍ଟ୍ରନାୟକ। ସେ ଭାରତର ରାଷ୍ଟ୍ରପତି ଥିବା ସମୟରେ ସେତେବେଳେ ସେ ମାସିକ ୧୦,୦୦୦ ଟଙ୍କା ବେତନ ପାଉଥିଲେ ମଧ୍ୟ ସେଥିରୁ ୨୫୦୦ ଟଙ୍କା ଗ୍ରହଣ କରି ଅବଶିଷ୍ଟାଂଶ ପ୍ରଧାନମନ୍ତ୍ରୀଙ୍କ ଜାତୀୟ ରିଲିଫ୍ ପାଣ୍ଠିକୁ ଦାନକରି ଦେଉଥିଲେ। ଏହି ମହାନ୍ ଆଦର୍ଶବାଦୀ ଭାରତୀୟ ନେତା, ରାଜନେତା, ଦାର୍ଶନିକ ଓ ଶିକ୍ଷାବିତ୍ ୧୯୫୪ ମସିହାରେ ଭାରତ ରତ୍ନ ଉପାଧିରେ ଭୂଷିତ ହେବା ସହ ୧୯୬୮ରେ ପ୍ରଥମ ବ୍ୟକ୍ତି ଭାବେ ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସମ୍ମାନ ଭାବେ ସାହିତ୍ୟ ଏକାଡ଼େମୀ ଫେଲୋସିପ୍ ପାଇଥିଲେ।

ରାଧାକ୍ରିଷ୍ଣନ୍ ଆଦର୍ଶରେ ବିଶ୍ୱାସ କରୁଥିଲେ, ସେଥିପାଇଁ ତାଙ୍କର ଶିକ୍ଷା ଆଦର୍ଶବାଦୀ ମୂଲ୍ୟବୋଧ ଉପରେ ପର୍ଯ୍ୟବେସିତ। ସର୍ବୋପରି ୧୯୪୮ ବିଶ୍ୱବିଦ୍ୟାଳୟ ଆୟୋଗର ରିପୋର୍ଟ ହେଉଛି ଭାରତୀୟ ଶିକ୍ଷାକ୍ଷେତ୍ରକୁ ତାଙ୍କର ସର୍ବଶ୍ରେଷ୍ଠ ଅବଦାନ। ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କର ୧୯୭୫ ମସିହା ଏପ୍ରିଲ ୧୭ରେ ଦେହାବସାନ ଘଟିଥିଲେ ମଧ୍ୟ ଏହି ଦୂରଦୃଷ୍ଟିସଂପନ୍ନ ଶିକ୍ଷାବିତ୍‌ଙ୍କୁ ଶିକ୍ଷକକୁଳ, ଛାତ୍ର ସମ୍ପ୍ରଦାୟ ଏବଂ ପ୍ରତ୍ୟେକ ଭାରତୀୟ ସବୁଦିନ ପାଇଁ ମନେରଖିଥିବେ।

—ଡକ୍ଟର ନାରାୟଣ ବାରିକ୍, ୮, ରୟାଲ୍‌ଗାର୍ଡନ୍, ଆଇଗିଣିଆ, ଭୁବନେଶ୍ୱର-୧୯, ମୋ: ୯୩୪୮୯୪୮୫୪୭




# ଭାଲୁକୁଣୀ



**ବିପ୍ଳବ**

ଆମ୍ବୁଲାନ୍ସକୁ ବ୍ୟାକ୍ କରି ପାର୍କିଂ ଜୋନ୍ ରେ ରଖିଲି । ମେଡିକାଲ ପ୍ରବେଶ ପଥ ସାମ୍ନା ସିମେଣ୍ଟ ସେଡ୍ ପାଖ ଗହଳି ଜଣା ପଡୁଥିଲା। କିଛି ଅନାମଧେୟ ୱେବ୍ ପୋର୍ଟାଲର ଆତ୍ମ ଘୋଷିତ ସାମ୍ବାଦିକ ବୁମ୍ ଧରି ସ୍ଥାନଟିକୁ ସରଗରମ କରି ରଖିବା ପରି ଜଣା ପଡୁଥିଲା। ସେମାନେ ସବୁ ମୋର ପରିଚିତ ଥିଲେ।

ଦିନ ରାତି କାନ ପାଖରେ ମଶା ପରି ଭାଁ ଭାଁ ହେଉଥିବେ। ବେଳେ ବେଳେ ବିରକ୍ତ ଲାଗେ ସେମାନଙ୍କ କାର୍ଯ୍ୟ କଳାପ। ଯେମିତି ପରକୀୟା ପ୍ରୀତିକୁ ଛାଡିଦେଲେ ଆଉ କିଛି ଘଟଣା ଘଟେନି ଏଠି !

ସିଆଡୁ ଦୃଷ୍ଟି ଫେରେଇ ପାଖ ସ୍ନାକ୍ସ ରୁ କିଛି କେକ୍ ଖାଇଲି। ଚା ଟିକେ ପିଇଲି । ମୁଣ୍ଡ ସାମାନ୍ୟ ବିନ୍ଧା ହେଉଥିଲା। ସିଗାରେଟ୍ ଲଗେଇଲି। ଏବେ ଟିକେ ରିଲାକ୍ସ ଲାଗିଲା। ୱେଟିଙ୍ଗ ଚାମ୍ବରକୁ ଆସିଲି। ସ୍ଲୋ ସାଉଣ୍ଡ ଦେଇ ରିଲସ୍ ଦେଖିଲି। ମଝିରେ ମଝିରେ ଏତେ ବାଜେ ଭିଡିଓ ସବୁ ଆସିଲା ଯେ ନିଜକୁ ଖରାପ ଲାଗିଲା। ଡାଟା ଅଫ କରି ବାହାରେ ଟିକେ ପବନ ଖାଇଲି।

କଦମ୍ବ ଗଛ ତଳର ସେଇ ସିମେଣ୍ଟ ସେଡ୍ ଉପରେ ତଥାପି ଗହଳି କମି ନଥିଲା। ବରଂ ପୂର୍ବାପେକ୍ଷା ଜାଗାଟି ଅଧିକ ଗହଳି ଲାଗୁଥିଲା। ଏବେ ଆଗକୁ ପାହୁଣ୍ଡ ପକେଇଲି।

କେହିଜଣେ ବୁମ୍ ଧାରୀ ପ୍ରଶ୍ନ କରୁଥିଲେ - ଆପଣଙ୍କ ପରବର୍ତ୍ତୀ ପଦକ୍ଷେପ କଣ ହେବ , କୋଉ ଝିଅ ସହ ଆପଣଙ୍କ ସ୍ୱାମୀର ସମ୍ପର୍କ ଥିଲା କେମିତି ଜାଣିଲେ ?

ଏବେ ବୁଝା ପଡୁଥିଲା ପ୍ରଶ୍ନ ବାଣର ସମ୍ମୁଖୀନ ହେଉଥିବା ବ୍ୟକ୍ତି ହିଁ ମହିଳା ଥିଲେ । ମୁଣ୍ଡ ଗଳେଇ ଦେଖିଲି । ଲୋକଟି ନିକଟରୁ ମହିଳା ପରି ଜଣା ପଡୁ ନଥିଲା। ମୁଣ୍ଡରୁ ସତୁରି ଭାଗରୁ ଊର୍ଦ୍ଧ୍ୱ ଚୁଟି ଝଡି ଯାଇଥିଲା।ଚେହେରା ଜଣେ ବୟସ୍କଙ୍କ ଭ୍ରମ ସୃଷ୍ଟି କରିଥିଲା। ଜଣେ ସ୍ତ୍ରୀ ଲୋକ ପରି କଦାପି ନୁହେଁ। ହୁଏ ତ ଶାଢ଼ୀ ପରିଧାନ କରିଥିଲେ ମୁଣ୍ଡରେ ଓଢଣୀ ଟାଣି ନିଜକୁ ଲୁଚେଇ ରଖିଥାନ୍ତେ ! ମୋ ଭାବନା ସରିବା ଆଗରୁ ସେ ଦେହରେ ପକେଇଥିବା ଷ୍ଟଲଟି ନେଇ ନିଜ ମୁଣ୍ଡ ଘୋଡେଇ ଦେଲେ। ମୁହଁ ସାମାନ୍ୟ ବିରୂପ ଦିଶୁଥିଲେ ବି ଚେହେରା ଏବେ ପରିଚିତ ମୁହଁ ପରି ଲାଗିଲା। ଷ୍ଟଲ୍ ଭିତରୁ ମୁହଁର ନାରୀ ସୁଲଭ ରୂପ ଫୁଟି ଦିଶୁଥିଲା। ରୁକ୍ଷ ଚେହେରା ପୂର୍ବାପେକ୍ଷା ଲାଗୁଥିଲା ଆହୁରି ଶାନ୍ତ, ଆହୁରି ଶୀତଳ ।

- ଆରେ, ଇଏ ବନାନୀ ପଣ୍ଡା ନୁହେଁ ତ.. ମୋ କ୍ଲାସମେଟ୍ ।

ନା। ଇଏ ବନାନୀ ପଣ୍ଡା !

ଆରେ ତା ମୁଣ୍ଡରେ ଚୁଟି ଏତେ ପ୍ରବଳ ଯେ ଆମେ ତାକୁ ଭାଲୁକୁଣୀ କହି ଚିଡେଉ ଥିଲୁ। ଡବଲ ବେଣୀ ବାନ୍ଧି କ୍ଲାସ୍ ରୁମ୍ ଭିତରକୁ ପଶି ଆସିଲା ବେଳେ ହାସ୍ୟରୋଳରେ ଚାରିଆଡ ଫାଟି ପଡୁଥିଲା । କେତେ ସୁନ୍ଦରୀ ଥିଲା ସେ ! ଗହଳ ବାଳରେ ଘୋଡେଇ ହୋଇଥିବା ପତଳା ଚାନ୍ଦ ଉଦିଆ ମୁହଁ ଦେଖିଲେ ଆଖି ଫେରୁ ନଥିଲା। ନା। ସେ କଦାପି ହେଇ ନଥିବ। ଏ ପ୍ରଶ୍ନ ମୋତେ ବ୍ୟତିବ୍ୟସ୍ତ କରି ପକେଉ ଥିଲା। ଶେଷରେ ନିଜ ଉପରୁ ନିୟନ୍ତ୍ରଣ ହରେଇ ଚିଲ୍ଲେଇଦେଲି --ଏ ଡବଲ ବେଣୀ ଭାଲୁକୁଣୀ ।

ସେ ସତରେ ଚମକି ପଡିଲେ ତ...। ଚାରି ଆଡକୁ ବଡ଼ ବିକଳହେଇ ଚାହିଁଲେ। ମୋ ଆଖି ସହ ତାଙ୍କ ଆଖି ମିଶିଗଲା ପରେ ସାମନାରେ ଥିବା ବିରାଟ ଗହଳିକୁ ଭ୍ରୂକ୍ଷେପ ନକରି ସେ ଦୌଡ଼ି ପଳେଇ ଆସିଲେ ଆଉ ମୋତେ ଜାବୁଡି ଧରି କଇଁ କଇଁ ହୋଇ କାନ୍ଦିବାକୁ ଲାଗିଲେ। ଏମିତି ଘଟିବ ବୋଲି ମୁଁ କଳ୍ପନା କରି ନଥିଲି।

ସେ ଭୁଲି ଯାଇଥିଲେ ସ୍ଥାନଟି ନିକାଞ୍ଚନ ନୁହେଁ ,ଆଉ ମୁଁ ବି ତାଙ୍କର ଅପରିଚିତ।

ମୁଁ ନିଜକୁ ଅସ୍ୱାଭାବିକ ମନେକରି ତାଙ୍କ ବାହୁ ବନ୍ଧନରୁ ନିଜକୁ ମୁକୁଳେଇ ନେଲି ଆଉ ପ୍ରଶ୍ନ କଲି - ତମେ ବନାନୀ ନା ? ସେ ମୁଣ୍ଡ ଟୁଙ୍ଗାରିଲେ।

- ପ୍ଲିଜ୍, ମୋତେ ଟିକେ ହେଲ୍ପ କର। ମୁଁ ଏଠି ଅଣନାଂଶ୍ୱାସୀ ହେଇ ଯାଉଛି। ମୋତେ ଏଇ ଗହଳିରୁ ସାମାନ୍ୟ ମୁକ୍ତି ଦରକାର। ପ୍ଲିଜ୍, ମୁଁ ତମ ଗୋଡ଼ ତଳେ ପଡୁଛି।

ମୁଁ ତାଙ୍କ ଦୁଇ ହାତକୁ ଧରି ଅଟକେଇଲି।

- ଆରେ,ଏ କ'ଣ କରୁଛ ?

ମୋତେ ବ୍ୟସ୍ତ ଲାଗିଲା । ମେଡିଆ ଭାଇ ଭଉଣୀ ମାନଙ୍କୁ ହାତ ଯୋଡ଼ି ତାଙ୍କୁ ସେଠି ମୁକୁଳେଇ ନେଲି।

ତାଙ୍କ ପାଦ ଠିକ୍ ରେ ପଡୁ ନଥିଲା। ? ମୁଁ ତାଙ୍କ ହାତ ଧରି ଆମ ଡ୍ରାଇଭର ମାନଙ୍କ ପାଇଁ ଉଦ୍ଦିଷ୍ଟ ରେଷ୍ଟରୁମ୍ କୁ ନେଇଗଲି। ଫ୍ୟାନ୍ ସୁଇଜ୍ ଅନ୍ କରି ତାଙ୍କୁ ବସିବା ପାଇଁ ଇସାରା ଦେଲି।ସେ ଚେୟାରରେ ବସି ଦୀର୍ଘଶ୍ୱାସ ନେଲେ। ଯେମିତି ଦଳେ ଅବାଞ୍ଛିତ ଲୋକ କବଳରୁ ନୁହେଁ ଗୋଟିଏ ହିଂସ୍ର ମହାବଳ କବଳରୁ ମୁକୁଳି ସେ ପୁର୍ନଜନ୍ମ ପାଇଲେ।

ଫ୍ରିଜ୍ ରୁ ଥଣ୍ଡା ପାଣି ବାହାର କରି ଦେଲି। ମୁହଁ କୁ ଧୋଇବା ପାଇଁ ଅନୁରୋଧ କଲି। ଏତେ ମାନସିକ ଚାପ ଓ ଶାରୀରିକ ଅସୁସ୍ଥତା ସ୍ୱତ୍ତ୍ୱ ? ସେ କୃତଜ୍ଞତା ଜଣେଇବାକୁ ଭୁଲି ନଥିଲେ। ତାଙ୍କ ସାମନାରେ ଥଣ୍ଡା ପାଣି ବୋତଲ ରଖୁ ରଖୁ ସେ କହିଲେ - ଥ୍ୟାଙ୍କସ୍ ।

ମୁଁ ବାହାରକୁ ଯାଇ ସାମନା ଦୋକାନରୁ ଫଳ ରସ ଆଣି ପି' ବାକୁ ଦେଲି ।

ସେ ପ୍ରଥମେ ଅରାଜି ହେଉଥିଲେ।

ତାଙ୍କ ଶରୀର ପାଇଁ ଏ ସବୁ ଆବଶ୍ୟକ ବୋଲି ବାଧ କରିବା ପରେ ସେ ଗ୍ରହଣ କଲେ।

ଏବେ ସତେଜ ଲାଗୁଥିଲା ତାଙ୍କ ମୁହଁ। ମନ ବି ହାଲୁକା ଲାଗିଲା ପରି ମୋର ହୃଦ୍ ବୋଧ ହେଲା।

ଏବେ ଘଟଣା ସମ୍ପର୍କରେ ଆଲୋଚନା କରିବାର ପ୍ରକୃଷ୍ଟ ସମୟ ।

ହେଲେ କେଉଁଠୁ ଆରମ୍ଭ କରିବି ଭାବି ନିଜକୁ ନିଜେ ପ୍ରଶ୍ନ କଲି।

ସେ ବାହାରକୁ ଏତେ ଚାପଗ୍ରସ୍ତ ଦିଶୁଥିଲେ ଯେ କିଛି ପଚାରିବା ପାଇଁ ବିବେକ ବାଧା ଦେଉଥିଲା।

- ତମେ ବିରଜୁ ଧଳ ସାମନ୍ତ ନା , ଘର ଡମପଡା, ଧଳ ସାହି ? ମୋ କ୍ଲାସ ମେଟ୍ ...

ନିରବତା ଭଙ୍ଗ କରି ସେ ମୋତେ ପ୍ରଶ୍ନ କଲେ।

ମୁଁ ଖୁସି ହେଲି। ମୁଣ୍ଡ ଟୁଙ୍ଗାରି ହଁ କଲି। ଯାହା ହେଉ ସେ ଭୁଲି ନାହାନ୍ତି ଏ ଯାଏଁ। ତା ପରେ ସେ ଚୁପ ହେଇଗଲେ ଆଉ ମୁଁ ବି।

- କଣ ଏତେ ଭାବୁଛ ବିରଜୁ ? ମୁଁ ତମ ଉପରେ ବୋଝ ହେବିନି ମ। ଅତିଥି କଣ କେବେ କାହା ଉପରେ ବୋଝ ହେଇ ପାରନ୍ତି ? ହୁଏ ତ ତମ ପାଖରେ ମୁଁ କେଇ ଘଂଟାର ଅତିଥି ମାତ୍ର ଦୁନିଆରେ କେଇ ଦିନର ଅତିଥି ।

ମୁଁ ଚମକି ପଡିଲି।

ଏମିତି କଣ ହେଲା ? ବନାନୀ କଣ ଭୟଙ୍କର ବ୍ୟାଧି ଗ୍ରସ୍ତ ଆଉ ଡାକ୍ତର ତାଙ୍କ ମୃତ୍ୟୁର ଲଗ୍ନ ନିର୍ଘଣ୍ଟ କରି ସାରିଛନ୍ତି ?

ମୁଁ କିଛି ପଚାରିବାକୁ ଇଛା କରି ନିର୍ବାକ ହେଇଗଲି ଯେମିତି ।

ସେ ମୁର୍କୀ ହସିଲେ। ସେ ହସ ଯେ କୃତ୍ରିମ ଥିଲା ମୁହଁରୁ ସ୍ପଷ୍ଟ ବାରି ହୋଇ ପଡୁଥିଲା।

- କ୍ଲିନିକାଲ ଟେଷ୍ଟ ସରିଛି । ମମୋଗ୍ରାଫି ସରିଛି। ବୟୋପସି ସରିଛି। ମୁଁ ବ୍ରେଷ୍ଟ କ୍ୟାନ୍ସର ରୋଗୀ। କେମୋଥେରାପି ଚାଲିଛି। ମୋ ବଞ୍ଚିବାର ଆଶା କ୍ଷୀଣ। କି ସୁଖ ବା ଦେଇ ପାରିଲି ତାଙ୍କୁ ନା ସନ୍ତାନ ସୁଖ ନା ଶରୀର ସୁଖ ? ବରଂ ମୁଁ ତାଙ୍କୁ ମୁକ୍ତି ଦେବାକୁ ଚାହେଁ ଆଉ ସେ ବି .. ଆଜି ଆପଏଣ୍ଟମେଣ୍ଟ ଥିଲା। ଦୁହେଁ ସାଙ୍ଗ ହୋଇ ଆସିଥିଲୁ। ଏ ଟି ଏମ୍ ରୁ ଟଙ୍କା ଆଣିବା ପାଇଁ ସେ ଦୁଇ ଘଣ୍ଟା ହେବ ଯାଇଛନ୍ତି। ଏବେ ତାଙ୍କ ଫୋନ୍ ଅଫ୍। ମୁଁ ଜାଣେ ସେ ଆଉ ଫେରିବେନି।

ଶେଷ ପଦକ ମୋ ଛାତି ଦୋହଲାଇ ଦେଲା। ମଣିଷ ଏତେ ନିଷ୍ଠୁର ହେଇ ପାରେ ? ଶରୀର ସୁଖରୁ ବଂଚିତ ହେଇ ଜଣେ ଏତେ ନିର୍ମମ ବ୍ୟବହାର କରିପାରେ ନିଜ ବିବାହିତ ସ୍ତ୍ରୀ ସହ ? ମୁଁ ପ୍ରତିବାଦ କଲି ।

- କେମିତି ଜାଣିଲେ ଫେରିବେନି ? ଏ ସବୁ କେସ୍ ରେ ଅଧିକ ଟଙ୍କା ଖର୍ଚ୍ଚ ହୁଏ ,ଏ କଥା ସତ।

- କାହିଁକି ଫେରିବେ ? ଗଛରେ ବସା ବାନ୍ଧିବାକୁ ଚଢ଼େଇ ଶାଖା ଖୋଜେ । ପ୍ରଜାପତି ଫେରିବା ପାଇଁ ଗଛରେ ଫୁଲ ଖୋଜେ। ଗୋଟିଏ ଶାଖା ରହିତ, ଫୁଲ ନଥିବା ଗଛକୁ ଚଢ଼େଇ ବା ପ୍ରଜାପତି କାହିଁକି ଫେରିବ ? ମୋ ପରି ଗୋଟିଏ ସୌନ୍ଦର୍ଯ୍ୟ ବିହୀନ, ଅନାକର୍ଷଣୀୟ ବିରୂପ ଝିଅକୁ କୋଉ ପୁରୁଷ କାହିଁକି ଚାହିଁବ ?

ଏତିକି କହି ସେ ତାଙ୍କ ମୁଣ୍ଡରୁ ଷ୍ଟଲ୍ ଟି ହଟେଇ ଦେଲେ।

ମୁଁ ଚମକି ପଡ଼ିଲି ଆଉ ଥରେ।

- ମନେ ପକାଅ ସେଇ ଦିନ ସବୁ। ମୋ ମୁଣ୍ଡରେ କେତେ ଝାମ୍ପୁଲା ବାଳ ଥିଲା ?ଭାଲୁକୁଣୀ ଭାଲୁକୁଣୀ ଡାକି ମୋତେ ଅସ୍ତ ବ୍ୟସ୍ତ କରି ପକେଉ ଥିଲ । ଉପରେ ଉପରେ ରାଗୁଥିଲେ ବି ଭିତରେ ବହୁତ ଖୁସି ହେଉଥିଲି। ତେଲ ସର ସର ଡବଲ ବେଣୀ ଭାଲୁକୁଣୀ ଆଜି ନାସ୍ତି ହେଇ ଯାଇଚି। ମାସକୁ ତିନି ଥର ଆଇ ବ୍ରୋ ସେଭ କରୁଥିଲି। ଦେଖ ସେଠି ଗୋଟେ ବି ବାଳ ନାହିଁ। ମୁଁ କେତେ କଦାକାର ଦିଶୁଚି ଆଜି ? ମୋ ନିଜ ପ୍ରତି ଘୃଣା ଆସୁଛି।

ଭୋ ଭୋ କାନ୍ଦୁଥିଲେ ବନାନୀ।

କାନ୍ଦୁ। କାନ୍ଦି କାନ୍ଦି ନିଜକୁ ହାଲୁକା କରିଦେଉ। ମୁଁ ବା ତାର କିଏ ତା ମନକୁ ଶାନ୍ତ କରିବାକୁ ?ନିଜକୁ ନିଜେ ପ୍ରଶ୍ନ କରି ଭିତରେ ଭାଙ୍ଗି ପଡୁଥିଲି ମୁଁ।

- ଛାତି ଘା' ର କଷ୍ଟ ବହୁତ ସହିଛି, ହେଲେ ଆଜି ହୃଦୟ ଭିତରେ ଯେଉଁ ଘା ହେଇଗଲା ମୁଁ ସହି ପାରୁନି ବିରଜୁ ବାବୁ । ବହୁତ କଷ୍ଟ ହେଉଛି। ମୁଁ କାହିଁକି ବଞ୍ଚିଛି ?

ଅତୀତ ସଦାବେଳେ କାହିଁକି ସୁନ୍ଦର ଲାଗେ ପୁରୁଣା ଗ୍ରାମଫୋନ ରେକର୍ଡ ଗୀତ ପରି ? ବର୍ତ୍ତମାନକୁ ସୁନ୍ଦର ବୋଲି କାହିଁକି କହି ହୁଏନି, ଅନୁଭବ କରି ହୁଏନି ? ସବୁ ଅତୀତ ଯେ ଦିନେ ବର୍ତ୍ତମାନ ଥିଲେ !

ମୁଁ ଭାବୁଥିଲି ବନାନୀ କଥା। ସେଇ ଝାଂପୁଲି ବାଳ ଭାଲୁକୁଣୀ କଥା। ବ୍ରାହ୍ମଣ ଘର ଝିଅ। ଗୋଟିଏ ଚାଉଳରେ ଗଢ଼ା। ନନା ଥିଲେ ଗଡ଼ଜିତର ରେଭିନ୍ୟୁ ଇନ୍ସପେକ୍ଟର। ଅଫିସ ଠୁଁ ଅଳ୍ପ ଦୂରରେ ସରକାରୀ କ୍ୱାଟର। ସେଠି ବାପା, ମା ଆଉ ସାନ ଭାଇ ସହ ରହୁଥିଲେ ବନାନୀ। ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଥିଲା ଆମର ଜେଜେ ବାପା ଅମଳର ତେଜ ରାତି ଦୋକାନ। ତେଜରାତି ଦୋକାନ ହେଲେ ବି ଗୋଟିଏ ମଣିଷର ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ସବୁ ସହଜ ଲଭ୍ୟ ଥିଲା। ସ୍ଥାନୀୟ ହାଇସ୍କୁଲ ରେ ମୁଁ ଆଉ ବନାନୀ ସାଙ୍ଗ ହେଇ ପଢୁଥିଲୁ। କ୍ଲାସ ମେଟ। ଏକାଠି ବି ଟିଉସନ ଯାଉଥିଲୁ। ମୁଁ ବେଳେ ବେଳେ ଉପର ଓଳି ଦୋକାନରେ ବସୁଥିଲି। ସେଇ ସମୟରେ କଣ ଦରକାର ହେଲେ ବନାନୀ ଆସୁଥିଲେ। ପାଠ ବିଷୟରେ ଆମ ଆଲୋଚନା ସୀମିତ ରହୁଥିଲା। ଦେଖିବାକୁ ସେ ହିରୋଇନ୍ ପରି ଥିଲେ ବି ତାଙ୍କ ସହ ମୋର ପ୍ରେମ ସମ୍ପର୍କ ନଥିଲା।

କଣ ପାଇଁ କେଜାଣି ? କିନ୍ତୁ ଅନ୍ୟ ସହପାଠୀ ମାନଙ୍କ ସହ ତାଙ୍କୁ ଭାଲୁକୁଣୀ ଚିଡ଼େଇବାର ସୁଯୋଗ କେବେ ହାତ ଛଡା କରୁ ନଥିଲି ମୁଁ।

ଦିନେ ଅଚାନକ ତାଙ୍କ ବାପାଙ୍କର ବଦଳି ଅର୍ଡର ଆସିଲା । ଆଉ ତାଙ୍କୁ ଦେଖିବାକୁ ମିଳିଲାନି। .....

ମୁଁ ତାଙ୍କ ମନ ବହଲେଇବା ପାଇଁ କହିଲି - ତମେ ବ୍ୟସ୍ତ ହୁଅନି। ସାର୍ ମୋର ବହୁ ପରିଚିତ। ତମ କେମୋ ନେବାର ଅସୁବିଧା ହେବନି। ଟଙ୍କା କଥା ଚିନ୍ତା କରନି। ହୁଏ ତ ବାବୁ କୋଉ ଅସୁବିଧାରେ ଥିବେ, ଆସିବେ, ଯଦି ଅଙ୍କଲଙ୍କ ସହ କଥା ହେବାକୁ ଇଚ୍ଛା ହେଉଛି ହୁଅ, ରିଲାକ୍ସ ଲାଗିବ।

- ମୁଁ ଆଜି ସବୁଥିରୁ ବଞ୍ଚିତ। ଭଲ ପାଇ ଯାଙ୍କ ସହ ଚାଲି ଆସିବା ପରେ ନନା ବଦଳି ହେଇ ଅଲଗା ଜାଗାକୁ ଚାଲି ଗଲେ। ତିନି ବର୍ଷ ପରେ ଜାଣିଲି ବାଲି ମାଫିଆ ଜଣେ ତାଙ୍କୁ ଟ୍ରକ୍ ଚାପି ହତ୍ୟା କରିଛି। ମୁଁ ଏବେ ଜାଣିନି ମା ଆଉ ସାନ ଭାଇ କୋଉଠି । ଇଏ ବି ତାଙ୍କ ଅଫିସର ଜଣେ ଝିଅକୁ ଭଲ ପାଉଛନ୍ତି। ସେ ବି କୁଆଡ଼େ କନ୍ଭିଭ କରିଚି ବୋଲି ଇଏ କହୁଥିଲେ। ଆଉ ଯାଙ୍କୁ ଧମକ ଦେଇ

ବ୍ଲାକମେଲ କରୁଛି।

ବନାନୀଙ୍କ ଜୀବନ ବୃତ୍ତାନ୍ତ କୌଣସି ବିୟୋଗାତ୍ମକ ନାଟକର କାହାଣୀ ଠୁଁ କମ୍ ନାଟକୀୟ ନୁହେଁ।

ଆଉ ଶୁଣିବା ପାଇଁ ମୋର ଧର୍ଯ୍ୟ ନଥିଲା।

- ପ୍ଲିଜ୍ ବନାନୀ । ଆଉ ସହି ପାରୁନି ମୁଁ।

- ହେଲେ ମୁଁ ଭୋଗି ସାରିଛି।

- ଏବେ ପ୍ରତିଟି ମୁହୂର୍ତ୍ତ ତମ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏ ସବୁ ଶୁଣିବା ପାଇଁ ଯଥେଷ୍ଟ ସମୟ ମିଳିବ। ସାର୍ ଙ୍କୁ ପ୍ରଥମେ ଭେଟିବା ଜରୁରୀ।

- ହେଲେ.. ଏତେ କ୍ୟାସ...

- ଟଙ୍କା କଥା ଭାବୁଛ ନା.. କାର୍ଡ ଅଛି ମୋ ପାଖରେ, ଆଉ ଶୁଝିବା ପାଇଁ ସମୟ ବି ଅଛି ତମ ପାଖରେ।

- ଜାଣିଛ ବିରଜୁ ବାବୁ.. ଆଜି ଭାଲୁକୁଣୀ ଓଷା ର ଶେଷ ପାଳି। କାଲି ବିସର୍ଜନ। ମୁଁ ମରିଯିବିନି ତ.. ବଞ୍ଚିବାକୁ ବହୁତ ଇଚ୍ଛା ହେଉଛି ଆଜି।

କଣ ଦେବି ଏ ପ୍ରଶ୍ନର ଉତ୍ତର..

- ଆଶା ହିଁ ଜୀବନ। ଏତେ ଅଧର୍ଯ୍ୟ ହେବା ଅନୁଚିତ।

ଚାଲି ଚାଲି ଦୁହେଁ କାଉଣ୍ଟର ପାଖରେ ପହଞ୍ଚି ଯାଇଥିଲୁ। ମୁଁ

କାଉଣ୍ଟରରେ କାର୍ଡ ସ୍ୱାଇବ କଲି।

ଏବେ ସାର୍ ଙ୍କୁ ଭେଟିବା ସମୟ।

ସାର୍ ଙ୍କ କ୍ୟାବିନ ପାଖରେ ପହଞ୍ଚି ଯାଇଥିଲୁ ଦୁହେଁ। ଭିତରେ ଡାକ୍ତର ପ୍ରଭାକରନ। ବାହାରେ ଲିସା ମାଡ଼ାମ। କେଶ ଆଟେଣ୍ଡ କରିବାକୁ କଲ୍ ଆସିଲା ମୋର। ସେତେବେଳକୁ ବନାନୀ ଭିତରେ। ମୁଁ ଲିସା ମାଡ଼ାମ ଙ୍କୁ ସବୁ ବୁଝେଇ ଚାଲି ଆସିଲି।

ଡିଉଟି ସାରି ଦୁଇଘଣ୍ଟା ପରେ ଫେରିଲି। ଟିକେଟ କାଉଣ୍ଟରର ସାମନା ୱେଟିଂ ରୁମ୍ ରେ ବସିଥିଲେ ବନାନୀ।

ମୋତେ ଦେଖି ହଠାତ୍ ଉଠି ପଡି ପାଖକୁ ଚାଲି ଆସିଲେ।

- ତମ କୁନି ଝିଅ ପାଇଁ ମା ଦରକାର ନା ?

ବାନାନୀଙ୍କ ଏମିତି କଥାରେ ମୁଁ ଆଶ୍ଚର୍ଯ୍ୟ ହେଲି।

- ଏ ପାଗଳୀ ହେଇଗଲେ ନା କଣ ?

- ଜାଣିଛ, ଲିସା ମାଡାମ ସବୁ କହିଛନ୍ତି। ତମ ଛୋଟ ଝିଅକୁ ନେଇ ପାଖ କଲୋନୀ ରେ କେତେ କଷ୍ଟରେ ରହୁଛ। ତମ ମାଡ଼ାମ୍

କରୋନାରେ ମରି ଯାଇଛନ୍ତି। ବେଳେ ବେଳେ ଝିଅକୁ ଆଣି ଡିଉଟି ବି ଆସ। ଠିକ୍ ନା ?

ମୁଁ କିଛି କହିଲିନି ।

- ନା ମୋର ସ୍ୱାମୀ ସୁଖ ଦରକାର ନା ତମର ସ୍ତ୍ରୀ ସୁଖ ? ବିବାହର ଆଠ ବର୍ଷ ପରେ ମୋ କୋଳ ଖାଲି। ତମ ଝିଅର ମା ଦରକାର ମୋର ମା ଡାକ ଟିକେ ଦରକାର। ମୁଁ ଏତେ ଶୀଘ୍ର ମରିବିନି ମ। ଇଏ ମୋତେ ମିଛ କହି ଡରାଉ ଥିଲେ ସାର୍ କହିଲେ ମୋର ଡେଭଲପ ହେଇଚି। ଏଇଟା ଲାଷ୍ଟ କେମୋ। ଯା ପରେ ମେଡିସିନ ଚାଲିବ। ମୁଁ ଶୀଘ୍ର ରିକଭରି କରି ମୋ ଚାକିରୀ ଜଏନ କରିବି। ଆରେ ଅଧାପିକା ଅଛି ମୁଁ। ତମ ଉପରେ ଆର୍ଥିକ ବୋଝ ହେବିନି। ଅବଶିଷ୍ଟ ଜୀବନ ଶାନ୍ତିରେ ମରିବାକୁ ଟିକେ ଆଶା ଭରସା ଲୋଡ଼ା।

ମୁଁ କିଛି ଭାବୁ ପାରୁ ନଥିଲି। ମୋ ଝିଅର ନିରୀହ କାନ୍ଦୁରା ମୁହଁ ଆଉ ମା ମା ଡାକ ମୋ କାନ ପାଖରେ ତରଙ୍ଗାୟିତ ହେଉଥିଲା। ପାଖ ବସ୍ତିରୁ ଭାଲୁକୁଣୀ ଓଷା ଗୀତ ଭାସି ଆସୁଥିଲା ।

ମୁଁ ବନାନୀଙ୍କ ଆଡ଼କୁ ହାତ ବଢେଇଲି। ଏବେ ତାଙ୍କ ମୁହଁ ଭାଲୁକୁଣୀ ମେଢ଼ ପରି ଦିଶୁଥିଲା ସତେଜ ଓ ପବିତ୍ର।

*ମକୁନ୍ଦ ପୁର, ବାଙ୍କୀ*
*ମୋ ୯୪୩୭୪୬୮୦୧୬*

## ହେ ଗୁରୁ ତୁମେ ଚିର ନମସ୍ୟ

*କବିରତ୍ନ ନୂତନ କୁମାର ବେହେରା*



ହେ ଗୁରୁ ! ତୁମେ ବିଜ୍ଞ ପ୍ରଜ୍ଞ ଚିର ନମସ୍ୟ
ଯୁଗେ ଯୁଗେ ତୁମେ ପୂଜ୍ୟ ପ୍ରଣମ୍ୟ
ବନ୍ଦେ ମୁଁ ତୁମ ଚରଣାରବିନ୍ଦେ,
ତୁମେ ପଥପ୍ରଦର୍ଶକ ମୁଁ ଜ୍ଞାନାନ୍ଧ ପଥିକ
ଚାଲିବାକୁ ଶକତି ନାହିଁ ମୋ ପାଦେ।
ତୁମେ ଜ୍ଞାନ ଆକାଶର ଏକ ନକ୍ଷତ୍ର
ଜୀପ୍ତିମାନ ଉଜ୍ଜ୍ୱଳ ଜ୍ୟୋତିଷ୍କ ସମ
ତୁମ ଆଲୋକରେ କର ଆଲୋକିତ
ମୋର ଏ ଘୋର ବିପଦେ,
କଣ୍ଟକିତ ଦୁର୍ଗମ ଦନ୍ତୁରିତ ଶିଳା
ମୋ ଚାଲିବାର ସୀମାହୀନ ପଥେ ପଥେ
ଚାଲୁ ଚାଲୁ ଝୁଣ୍ଟି ପଡ଼ ? ପାଦଛନ୍ଦେ।
ହେ ଗୁରୁ ! ତୁମେ ମହାମନ୍ତ୍ରର ଜ୍ଞାନଶାସ୍ତ୍ର
ତୁମ ମନ୍ତ୍ରରେ କର ମୋତେ ମନ୍ତ୍ରିତ
ରହିଛି ରହିଥିବି ତୁମ ବଶମ୍ବଦେ,
ତୁମ ଶୁଦ୍ଧ ପବିତ୍ର ଜ୍ଞାନଦାନେ
ମୋ କର୍ଣ୍ଣରୁ ପାତକ ହେଉ ଦୂର
ଶୁଣି ତୁମ ଉଚ୍ଚାରଣର ଶବ୍ଦଧ୍ୱନି ପଦେ।
ତୁମେ ଗୁରୁ ନିର୍ମାତା
ମୁଁ ଶିଷ୍ୟ ନିର୍ମାଣାଧିନ
ପଥ ମଧ୍ୟେ ପଡିଥିବା ଜଡ଼ କଠିନ ଶିଳା
ମଉ ସଦା ତର୍କ ବିତର୍କର ବିବାଦେ,
ତୁମେ ସତ୍ୟର ଜାଜ୍ଜଲ୍ୟମାନ ପ୍ରତୀକ
ମୁଁ ସତ୍ୟ ଆଢୁଆଳର ଅସ୍ପଷ୍ଟ ଦୃଶ୍ୟ
ରହିଛି ଶଙ୍କା ସନ୍ଦେହର ପ୍ରମାଦେ।
ହେ ଗୁରୁ ! ତୁମେ ଜ୍ଞାନର ଭଣ୍ଡାର
ମୁଁ ଏକ ଫମ୍ପା କଳସ ପ୍ରାୟେ
ଅସ୍ଥିର କର୍କଶ କୋଳାହଳ ଶବଦେ,
ତୁମେ ବୁଦ୍ଧିଦାତା ତୁମେ ସିଦ୍ଧିଦାତା
ଦିଅ ମୋତେ ବୁଦ୍ଧି ବିବେକ ବିଚାର
ମନ ମୋର ନ ରହୁ ଭେଦେ ବିଭେଦେ।
ତୁମେ ଫଳପ୍ରଦ ଏକ ଝଙ୍କାଳିଆ ମହାଦ୍ରୁମ
ମୁଁ ଅଙ୍କୁରିତ ବୀଜପତ୍ରୀ ଶିଶୁ ଚାରା
ତୁମ ପ୍ରେରଣାରେ କରେ ମୁଁ ଅନୁସରଣ
ରଖ ନାହିଁ ମୋତେ ଅବସାଦେ,
ଯୁଗେ ଯୁଗେ ତୁମେ ପୂଜ୍ୟ ପ୍ରଣମ୍ୟ
ହେ ଗୁରୁ ! ତୁମେ ବିଜ୍ଞ ପ୍ରଜ୍ଞ ଚିର ନମସ୍ୟ
ବନ୍ଦେ ମୁଁ ତୁମ ଚରଣାରବିନ୍ଦେ।

*ବାରିପଦା,ମୟୂରଭଞ୍ଜ*

## ଗୁରୁଙ୍କୁ ପ୍ରଣାମ

*ସୁନୀଲ କୁମାର ପ୍ରଧାନ*



ଅନ୍ଧାର ଆଲୋକ ତୁମେ ଦେଇଥାଅ
ଜୀବନ ଗଠନ ପାଇଁ
ତୁମେ ବ୍ରହ୍ମା ବିଷ୍ଣୁ ମହେଶ୍ୱର
ତୁମେ ହିଁ ମୋର ସାଇଁ ।
ଗୁରୁ ବିନା ଅବା ମୋକ୍ଷ ମିଳେ ନାହିଁ
ସେ ହିଁ ଦିଅନ୍ତି ଶିକ୍ଷା
ଗୁରୁ ହିଁ ଅଟନ୍ତି ସର୍ବ ଶକ୍ତିଶାଳୀ
ବିପଦେ କରନ୍ତି ରକ୍ଷା ।
ପ୍ରଥମ ଗୁରୁ ମୋ ଜନନୀ ହୋଇଲେ
ଦ୍ୱିତୀୟ ଗୁରୁ ଶିକ୍ଷକ
ସେ ପରା ଅଟନ୍ତି ଚଳନ୍ତି ପ୍ରତିମା
ଦିଅନ୍ତି ସଦା ସୁଖ ।
ଭାରତ ବର୍ଷର ଦ୍ୱିତୀୟ ରାଷ୍ଟ୍ରପତି
ସର୍ବପଲ୍ଲୀ ରାଧାକ୍ରିଷ୍ଣନ
ତାଙ୍କରି ଜନ୍ମ ଦିନକୁ ଆମେ ପାଳିଥାଉ
ଗୁରୁ ଙ୍କ ଏହି ଦିନ ।
ଏକଲବ୍ୟ ପରି ଶିଷ୍ୟ ଆମେ ହେବା
ଗୁରୁଙ୍କ ସବୁରି କଥା
ଅକ୍ଷରେ ଅକ୍ଷରେ ପାଳନ କରିବା
ନ ହେବା କେବେ ବୃଥା ।
ଗୁରୁ ଙ୍କୁ କେବେ ବି ମିଛ ନ କହିବା
ଶିକ୍ଷାଏ ମହାଭାରତ
ମିଛ କହି କର୍ଣ୍ଣ ଅଭିଶାପ ପାଏ
ଏହା ହିଁ ଅଟେ ସତ ।
ଯେତେ ଲେଖିଲେ ବି କମ୍ ହୋଇବ
ଗୁରୁ ଙ୍କୁ ବର୍ଣ୍ଣିବା କଷ୍ଟ
ସେ ପରା ଅଟନ୍ତି ମୁକ୍ତିର ମାରଗ
ଜଗତ କହଇ ଶ୍ରେଷ୍ଠ ।
ଆସ କୁନା କୁନି ଗୁରୁ ଦିବସକୁ
ପାଳୁଥିବା ସବୁ ଦିନେ
ଜୀବନକୁ ଆମ ଉଜ୍ଜଳ କରନ୍ତି
ଗୁରୁଙ୍କୁ ସ୍ମରନ୍ତୁ ମନେ ।

*ଝାଟିପଦର, ପାଲୁର, ଗଞ୍ଜାମ*
*ମୋ : ୭୬୦୯୯୩୪୩୬୬*

## ଗୁରୁଙ୍କୁ ଭୂମିଷ୍ଟ ପ୍ରଣାମ

*ରମେଶ ଚନ୍ଦ୍ର ନାୟକ*



ଗୁରୁ ବୋଲି ଯେଉଁ ଦୁଇଟି ଅକ୍ଷର
ସଂସାର ମଧ୍ୟରେ ସାର
ଗୁରୁ ପରା ବ୍ରହ୍ମା ଗୁରୁ ପରା ବିଷ୍ଣୁ
ଗୁରୁ ପରା ମହେଶ୍ୱର ।
ଗୁରୁ ଆଶୀର୍ବାଦ ଅମୂଲ୍ୟ ସମ୍ପଦ
ଶିଷ୍ୟର ମଙ୍ଗଳ ପାଇଁ
ଶିକ୍ଷାର ଉନ୍ନତି ଦେଶର ପ୍ରଗତି
ଗୁରୁଙ୍କ କାର୍ଯ୍ୟକୁ ନେଇ ।
ଉତ୍ତମ ସନ୍ତାନ ଗଢି ତୋଳିବାକୁ
ଗୁରୁଙ୍କର ଅବଦାନ
ଅନ୍ଧକାର ନାଶି ଆଲୋକ ଦେଖାନ୍ତି
ଜ୍ଞାନାକାଶେ ସେ ତପନ ।
କଞ୍ଚା କାଦୁଅକୁ ଦେଇ ଜୀବଦାନ
ତା'ସାଥେ ହୁଅନ୍ତି କଥା
ବୀଜରୁ ଚାରାଟି ହୁଏ ମହାଦ୍ରୁମ
ଗୁରୁଙ୍କର ଥାଏ ନିଷ୍ଠା ।
ଉତ୍ତମ ଚରିତ୍ର ସ୍ନେହ ଶ୍ରଦ୍ଧା ଯତ୍ନ
ଗୁରୁ ନିଷ୍କପଟ ଗୁଣ
ସତ୍ୟ ଶାନ୍ତି ଦୟା କ୍ଷମାର ସାଗର
ହୃଦୟ କୁସୁମ ଜାଣ ।
ଗୁରୁଙ୍କ ଆସନ ସବୁଠି ଉର୍ଦ୍ଧ୍ୱରେ
ଦେବାଦେବୀ ପିତା ମାତା
ରାଜା ମହାରାଜା ତ୍ୟଜି ସିଂହାସନ
ନତ କରିଥାନ୍ତି ମଥା ।
ଶିକ୍ଷା କ୍ଷେତ୍ର ଗର୍ବ ଆଦର୍ଶ ଶିକ୍ଷକ
ଶିକ୍ଷକରୁ ରାଜନୀତି
ସର୍ବପଲ୍ଲୀ ରାଧା କ୍ରିଷ୍ଣନ୍ ଙ୍କ ଜନ୍ମ
ପାଞ୍ଚ ସେପ୍ଟେମ୍ବର ତିଥି ।
ଚିର ସ୍ମରଣୀୟ ଗୁରୁ ସମ୍ମାନାର୍ଥ ?
ଜନ୍ମ ଦିନ ଉପହାର
ଦେଶ ଜାତି ଡାକେ ତାଙ୍କ ଜନ୍ମ ଦିନେ
ପ୍ରଣିପାତ ଫୁଲମାଳ ।
ହୃଦୟ କାନ୍ଦୁଛି ଦେଖି ଚିତ୍ର ପଟ୍ଟ
ଗୁରୁ ଶିଷ୍ୟ ପରମ୍ପରା
ଅବକ୍ଷୟମୁଖୀ ପବିତ୍ର ସମ୍ପର୍କ
ଆଜିର ସମାଜେ ପରା ।
ଗୁରୁତ ଅତୀତ ଗୁରୁ ବର୍ତ୍ତମାନ
ଗୁରୁ ପରା ଭବିଷ୍ୟତ
ଗୁରୁ ନିନ୍ଦା କଲେ ନରକରେ ବାସ
ଏହା ଯେ ଧ୍ରୁବ ସତ ।
ବାପା ମାଆ ସମ ପାଳନ କରନ୍ତି
ମନରେ ନବହି ରୋଷ
ଭୁଲି ହେବ ନାହିଁ ତାଙ୍କରି ସ୍ମୃତିକୁ
ବଞ୍ଚିଥିବା ଯେତେ ବର୍ଷ ।
ଗୁରୁ ଧର୍ମ କର୍ମ ଗୁରୁ ଦାନ ପୂଣ୍ୟ
ଗୁରୁ ପରା କାମଧେନୁ
ଗୁରୁ ଦିବସରେ ଭୂମିଷ୍ଟ ପ୍ରଣାମ
ଦେବାକୁ ନ ଭୁଲ ମନୁ ।

*କେଶରପୁର ,ବକ୍ସି ବଜାର , କଟକ*
*ମୋ : ୭୯୭୮୧୫୧୭୧୦*

## ଗୁରୁ ଦିବସ

*ବିଶ୍ୱଜିତ ପୁହାଣ*



ଆନନ୍ଦ ଉଲ୍ଲାସେ ବିଦ୍ୟାଳୟ ହସେ
ଆଜି ପରା ଗୁରୁଦିବସ,
ଗୁରୁ ବିଦ୍ୟାଦାତା , ଜ୍ଞାନର ଭଣ୍ଡାର
ଗୁରୁ ବ୍ରହ୍ମା,ବିଷ୍ଣୁ,ମହେଶ ॥

ଅଜ୍ଞାନ,ଅନ୍ଧାର କରିଦେବେ ଦୂର
ଜ୍ଞାନର ଦୀପାଳି ଜାଳିକି,
ଉତ୍ତମ ଚରିତ୍ର ଛାତ୍ର ଗଢିବାରେ
ତାଙ୍କୁ କେ ପାରିବ ବଳିକି ॥

ପାତର ଅନ୍ତର କରନ୍ତିନି କେବେ
ସଭିଙ୍କୁ ଭାବିକି ନିଜର,
ଭବିଷ୍ୟତ ଆମ ଉଜ୍ଜଳିତ କରେ
ପଦିଏ ବାରତା ତାଙ୍କର ॥

ଗୁରୁଦିବସରେ ଗୁରୁ ପୂଜା କରି
ଗୁରୁ ଗୁଣ ଗାନ କରିବା,
ଗୁରୁଙ୍କ ମାଧ୍ୟମେ ଗୋବିନ୍ଦଙ୍କୁ ଚିହ୍ନି
ଶିଷ୍ୟର ମହତ ରଖିବା ॥

*ସ୍ନାତକୋତ୍ତର ଗ୍ରନ୍ଥାଗାର ବିଜ୍ଞାନ ଛାତ୍ର*
*ଫକୀରମୋହନ ବିଶ୍ୱବିଦ୍ୟାଳୟ,*
*ବ୍ୟାସବିହାର , ବାଲେଶ୍ୱର*
*ମୋ - ୮୦୧୮୪୩୫୩୬୪*

## ବନ୍ଧୁ

*ଲୋପାମୁଦ୍ରା ଜେନା*



କାହିଁ ବନ୍ଧୁତା କାହିଁ ବା ପ୍ରେମ ସୁନ୍ଦର ,
ଯାହାର ପ୍ରାପତି ଲାଗି ଦେବତା ନର !
ସିଂହାସନ ଛାଡିଦେଇ କହ୍ନେଇ ଧାଏଁ
ସୁଦାମାର ଖୁଦଭଜା ଛଡେଇ ଖାଏ !
ବନ୍ଧୁତା ଆଗରେ ସବୁ ତୁଚ୍ଛ ଲାଗଇ
ବନ୍ଧୁପାଇଁ ତ୍ୟାଗ ହାତ ଦିଏ ବଢ଼ାଇ !
ଅନାବିଳ ପ୍ରେମ ସଦା ସ୍ୱାର୍ଥରହିତ ,
ଛନ୍ଦକପଟ ଛୁଏଁନି ମିତ୍ରତା ସେ ତ !
ଦମ୍ଭ ରହିଥାଏ ମନେ ଅଛି ମୋ' ବନ୍ଧୁ
ଛାଇଟିଏ ପରି ଥାଏ ଭାବର ସିନ୍ଧୁ !
ଲୁହକୁ ସେ ପଢିପାରେ ଦୂରରୁ ଥାଇ ,
ମୁହେଁ ହସ ଭରିପାରେ ସ୍ୱାର୍ଥ ନଥାଇ !
ଅଜାଣତେ ରହିଥାଏ ହୃଦକନ୍ଦରେ
ସାହସ ସେ ଭରିଦିଏ ବନ୍ଧୁପଣରେ !
ଟାଣେନାହିଁ କେବେ ସିଏ ଗୋଡ଼ ବନ୍ଧୁର
ଆଗେ ହସିଦେଇ ପଛେ କାଟେନି ଚେର !
ବିଷକୁମ୍ଭମ୍ ପୟୋମୁଖମ୍ ବନ୍ଧୁ ନ ହେଉ
ଅନାବିଳ ସ୍ନେହ ପ୍ରେମ ହୃଦେ ତା' ଥାଉ !
ଦୁଃଖର ଦରିଆ ହୁଏ ନୀଳସାଗର ,
ବନ୍ଧୁଟିଏ ମିଳିଥିଲେ ଧନ୍ୟ ଏ ନର !

***ବାଲାଜି କମ୍ପ୍ଲେକ୍ସ***
***ଭୁବନେଶ୍ୱର : ୭୫୧୦୦୬***

## ଫେରିବ ଦେବଦାସ

*ସୁଚେତା ନନ୍ଦ*

ପ୍ରାଚୀ ନଦୀର ପ୍ରୀତି ପଠାରେ
ଶାମୁକାଟିଏ ସେ ହୋଇ
ଏମିତି ସ୍ୱପ୍ନଟେ ଦେଖିଥିଲା ଦିନେ
କାହାକୁ ବି କହି ନାହିଁ।

ସଞ୍ଜ ଆକାଶର ସୁଦୀର୍ଘ ଛାତିଟା
ମିଞ୍ଜି ମିଞ୍ଜି ଜଳୁଥିଲା
ଭଲପାଇବାର ବାଟଚଲା ତାକୁ
ପରଦେଶୀ ଶିଖେଇଲା

ନରମ ସ୍ୱପ୍ନର ରୁଣୁଝୁଣୁ ସୁର
ତା' ଆଖିରେ ଲେସିଦେଇ
ନୂଆ କାହାଣୀର ଟିକି ଅନୁଚ୍ଛେଦ
କାନେ ଦେଇଥିଲା କହି

ସହସ୍ରାଂଶୁ ଭଳି ସ୍ୱର୍ଣ୍ଣାଭ କିରଣ
ବୁଣିଦେଲା ତା' ମନରେ
ଚନ୍ଦ୍ରଭାଗା ସେ ଚମକି ଉଠିଲା
ଅଜଣା କାହାର ସ୍ପର୍ଶରେ

କେତେଯେ ସଂଜ ମେଲାଣି ନେଲେଣି
ପାରୋ କିନ୍ତୁ ଭୁଲି ନାହିଁ
ସ୍ୱପ୍ନ ଶୋଇଲାଣି ରାତିର କୋଳରେ
ଦେବଦାସ୍ ବାଟ ଚାହିଁ।

*ତ୍ରିଶୁଳିଆ, କଟକ*

## ଏଇ ଆମରି ଜନ୍ମ ଭୂଇଁ

*ସସ୍ମିତା ଚୌଧୁରୀ*



ଏଇ ଦେଶର ସନ୍ତାନ ଆମେ
ଏ ଆମ ଜନ୍ମ ଭୂଇଁ ,
ହିମାଳୟର ହିମ ମୁକୁଟ
ମଥାରେ ଯା'ର ଶୋହି ।
ଏଇ ଆମରି ଜନ୍ମ ଭୂଇଁ
ଏଇ ଆମରି ଜନ୍ମ ଭୂଇଁ।
କେତେ ଗହନ
ସବୁଜ ବନେ
ଏ ମାଟି ବୁକୁ ଭରା,
ମହାସାଗର ଚରଣ ଧୁଏ.......
ପୁଣ୍ୟ ଭୂଇଁ ଏ ପରା;
ତା'ପାଦ ତଳେ
ଭକତି ଭରେ
ମଥାଟି ଯାଏ ନଇଁ ...
ଏଇ ଦେଶର ସନ୍ତାନ ଆମେ
ଏ ଆମ ଜନ୍ମ ଭୂଇଁ ।
କେତେ ଧରମ
କେତେ ଯେ ଜାତି
ତା' ଆଗେ ସବୁ ଏକ,
ସାମ୍ୟବାଦର ମନ୍ତ୍ର ଏଠି
ସାର୍ବଭୌମ ଯା' ଲକ୍ଷ୍ୟ ।
ବିଭିନ୍ନତା ରେ ଏକତାବାଦ
ଆଦର୍ଶ ଆମ ଏହି ।
ଏଇ ଦେଶର ସନ୍ତାନ ଆମେ
ଏ ଆମ ଜନ୍ମ ଭୂଇଁ।

*ଭୁବନେଶ୍ୱର*

## ଜୀବନର ସେପାରୀରେ

*ସୁଧାକର ରାଉତ*



ପାଖେଇ ଆସଇ ସମୟ ତ ଏବେ
ଲିଭିବ ଜୀବନ ଦୀପ
ପ୍ରକୃତ ଆସ୍ୱାଦ ଲଭିବା ପୂର୍ବରୁ
ଏଟା ସତେ ଅଭିଶାପ ।

ପାପ ପୁଣ୍ୟର ଭାର ବୋହି ଶବ
ଜଳୁଥିବ କୁଇ ପରେ
ଘରେ ଆତ୍ମୀୟ ଙ୍କ କରୁଣ ଚିତ୍କାର
ମିଳାଉ ଥିବ ଶୂନ୍ୟରେ ।

ଭଲ ଓ ମନ୍ଦର ଗଣିତ ଯେତେକ
ମୋ ଗ୍ରାମର ଚଲାପଥେ
ସ୍ୱଗତୋକ୍ତି ତୋଳୁଥିବ ନିରାଶାରେ
ନ ନେଲି ବୋଲି ମୁଁ ସାଥେ ।

ହିଂସା,କ୍ରୋଧ, ଲୋଭ,
ମୋହ ମାୟା ଯେତେ
ଜଡାଇ ଥିଲେ ଶରୀର
ଜଳନ୍ତା ନିଆଁରେ ଏବେ ଝଡୁଥିବେ
ହୋଇ ପାଉଁଶର ଗାର ।

ବୁକୁ ତଳେ ଯେତେ"ମୁଁ ଆଉ ମୋର"
ଆପଣାର ବୋଲି ସାଜି
ଉସୁକାଉ ଥିଲେ ଅହରହ ମୋତେ
ଜିତ ଜୀବନର ବାଜି ।

ଦର୍ପିତ ଚେହେରା ଆଜି ଏ ଅଗ୍ନିରେ
ଦିଶିବେ କି ଅସହାୟ
ଲୁଚି ଯିବେ କାହିଁ ଯଶ ଅପଯଶ
ମୋ ତୁଚ୍ଛ ବଡିମା ହାୟ ।

ଧୂମ କୁଣ୍ଡଳୀରେ ଅନ୍ତରହିତ ହୋଇ
ବାଲ୍ୟ,ଯଉବନ,ଜରା
ଜୁଇଟା ଜଳିବ ହୁତୁ ହୁତୁ ରଖି
ପାପ ପୁଣ୍ୟ ଅପାଶୋରା।

*ପ୍ରତାପ ନଗରୀ,କଟକ*
*ମୋ ୮୨୪୯୯୩୨୭୯୨*

## ବତୀଘର

*ଶ୍ରୁତକୀର୍ତ୍ତି ତ୍ରିପାଠୀ*



ନିସ୍ତବ୍ଧ ରାତିର ଅନ୍ଧକାର ରେ
ବାଟଭୁଲି ଯାଇଥିବା ନାବିକକୁ ପଚାର
ବତୀଘର ର ମହତ୍ତ୍ୱ...
ଜୀବନ ଫେରିପାଇବାର କ୍ଷୀଣ ଆଶାଟିଏ
କଅଁଳି ଉଠେ ଯେଉଁଠି ନିରନ୍ତର ।

ଝଡ଼ ତୋଫାନ ଘେରା ଅଥଳ ସମୁଦ୍ରରେ
ଜୀବିକା ନିର୍ବାହରେ ମସଗୁଲ
ସେଇ ମାଛଧରାଳୀ କୁ ପଚାର
ବତୀଘର ର ମହତ୍ତ୍ୱ...
ଜୀବିକା ଯେଉଁଠି ଭାରି ପଡ଼ ? ଜୀବନ ଆଗରେ ।

ସାଥୀର ଫେରିବା ବାଟକୁ
ଚାହିଁଥିବା ବିରହୀଣୀ ପ୍ରିୟାକୁ ପଚାର
ବତୀଘରର ମହତ୍ତ୍ୱ...
ଯିଏ ଦୂରେ ଥାଇ ତା ମନକୁ
ଦିଅଇ ସାନ୍ତ୍ୱନା
ଝରାଇ ଆଶାର ଆଲୋକ
ଜଗାଏ ସମ୍ଭାବନା
ପ୍ରିୟତମ ଫେରିବାର ।

ଜ୍ଞାନ ର ବିଶାଳ ସାଗରେ
ସଂଘର୍ଷ କରୁଥିବା ଛାତ୍ର ଟିକୁ ପଚାର
ଗୁରୁଙ୍କ ମହତ୍ତ୍ୱ...
ଯିଏ ବତୀଘର ସାଜି
ଦୋଳାୟମାନ ତାର ଜୀବନ ନାଆ ର
ସାଜିଥାନ୍ତି ସଦା କାଣ୍ଡାରୀ ।

*ବିବେକାନନ୍ଦ ମାର୍ଗ*
*ଭୁବନେଶ୍ୱର - ୨*
*ମୋ:୬୩୭୦୫୧୬୪୭୮*




# ସାରସ୍ୱତ ପ୍ରତିଭାଧାରୀ ମହିଳା ଇଂ ଶେଫାଳିଙ୍କ ଆକସ୍ମିକ ବିୟୋଗ



ଭୁବନେଶ୍ୱର (ପିଏନ୍): ଦୁଇଦିନ ତଳେ ଅର୍ଥାତ ୨ ସେପ୍ଟେମ୍ବରରେ ମହାନ୍ତି ପରିବାରରେ ପୁତ୍ର ସନ୍ତାନଟିଏ ଜନ୍ମ ନେଇଥିଲା। ବିବାହର ଆଠବର୍ଷ ପରେ ପୁତ୍ର ସନ୍ତାନଟିଏ ଜନ୍ମ ଦେଇଥିବାରୁ ମା ମନରେ କାହିଁ କେତେ ଆନନ୍ଦ କହିଲେ ନସରେ। ଅସ୍ତ୍ରୋପଚାର କଷ୍ଟକୁ ଭୃକ୍ଷେପ ନକରି ମା' ତା ଟିକି ପୁଅକୁ କୋଳେଇ ଆଣି କହିଥିଲା ମୋ ଗେଲ୍ଲୁ, ମୋ ଧନ ତୋ ବାପାକୁ କହିବି ଏକୋଇଶାକୁ ବଡ ପାର୍ଟିଟେ କରିବେ, ମୋ ଗେଲୁ ପାଇଁ ବଡ ଦୋଳି ଆଣିବେ ଏମିତି କେତେ ଭାବନା କରି ପକାଇଥିଲା ମା। ପରିବାରରେ ମଧ ଖୁସିର ଲହରୀ ଖେଳି ଯାଇଥିଲା। ବନ୍ଧୁବାନ୍ଧବଙ୍କ ଠାରୁ ଆରମ୍ଭ କରି ସାଙ୍ଗ ସହୋଦର ପର୍ଯ୍ୟନ୍ତ ସମସ୍ତେ ଆନନ୍ଦ ଉଲ୍ଲାସରେ ମିଠା ବାଂଟିବା ସହିତ ବିଭିନ୍ନ ବରାଦି କରିଦେଇଥିଲେ।



କିନ୍ତୁ ନିଷ୍ଠୁର ବିଧାତାର ଖେଳ ଆଗରେ ପାଣି ଫାଟି ଯାଇଥିଲା ଖୁସିର ଲହରୀ। ହଠାତ ହୃଦ୍‌ଘାତରେ ମା'ର ଅକାଳ ବିୟୋଗ ଘଟିଥିଲା। ଦୁଇଦିନର ବାଳୁତ ପୁଅକୁ ଛାଡି ଆର ପାରିକୁ ଚାଲି ଯାଇଥିଲେ ମା। ଏମିତି ହୃଦୟ ବିଦାରକ ଘଟଣା ଘଟିଛି ଭୁବନେଶ୍ୱର ବ୍ଲକ ଲିଙ୍ଗିପୁର ପଂଚାୟତର ଗୌଙ୍ଗତ୍ରୀ ନଗରରେ। ବରିଷ୍ଠ ସାମ୍ବାଦିକ ଲିଙ୍ଗରାଜ ମହାନ୍ତିଙ୍କ ପୁତ୍ରବଧୂ ତଥା ସାମ୍ବାଦିକ ସୌଭାଗ୍ୟ ରଞ୍ଜନ ମହାନ୍ତିଙ୍କ ଧର୍ମପତ୍ନୀ ଇଂ. ସୁଶ୍ରୀ ସେଫାଳି ମହାନ୍ତିଙ୍କର ୩୫ ବର୍ଷ ବୟସରେ ହୃଦ୍‌ଘାତରେ ଅକାଳ ବିୟୋଗ ଘଟିଛି। ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ଅଧକ୍ଷ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ମୁଖପାତ୍ର ନାରାୟଣ ଓଝା, ଡ. ଅସିତ ଦାସ, ସମିତା ମହାରଣା, ମଦନମୋହନ ପାଢ଼ୀ ପ୍ରମୁଖ ବହୁ ବ୍ୟକ୍ତିବିଶେଷ ଶୋକବାର୍ତ୍ତାରେ କହିଥିଲେ ଯେ, ସ୍ୱର୍ଗତା ଶେଫାଳିଙ୍କ କର୍ମ, ନିଷ୍ଠା, ସମାଜସେବା ଚିର ସ୍ମରଣୀୟ ହୋଇ ରହିବ। ସେ କଟକ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେ ଜଣେ ମେଳାପୀ, ପରୋପକାରୀ, ମିଷ୍ଟଭାଷୀ, ସରଳ, ନିଷ୍କପଟ, ବୁଦ୍ଧିଜୀବୀ ଓ ରାଜନେତ୍ରୀ ଭାବରେ ସ୍ଥାନୀୟ ଅଂଚଳରେ ବେଶ୍ ପରିଚିତ ଥିଲେ। ସେ ଜଣେ କର୍ମତତ୍ପର, କର୍ତବ୍ୟନିଷ୍ଠା ମହିଳା ହୋଇଥିବାରୁ ଲିଙ୍ଗିପୁର ପଂଚାୟତର ୧ ନମ୍ବର ଓ୍ୱାର୍ଡର ଅଧିବାସୀମାନେ ୨୦୨୨-୨୭ ବର୍ଷ ପାଇଁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସେ ଅଙ୍ଗନବାଡି କେନ୍ଦ୍ର ପାଇଁ ସ୍ଥାୟୀ ଜାଗା ଆଣିବା ସହିତ ସମସ୍ତ ମୁକୁଳା ଟ୍ରାନ୍ସଫରମରରେ ତାର ଜାଲି ଘେରାଇଥିଲେ। ତାଙ୍କର ଅକାଳ ବିୟୋଗରେ ଅଂଚଳବାସୀ ଦୁଃଖରେ ଭାଙ୍ଗି ପଡିଛନ୍ତି ଓ ଶୋକର ଛାୟା ଖେଳି ଯାଇଛି। ପୁରୀ ସ୍ୱର୍ଗଦ୍ୱାର ଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ବୋଲି ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

## ପାରାଦୀପ ପୋର୍ଟର ଜମି ହଡପ ଘଟଣାର ସିବିଆଇ ତଦନ୍ତ ହେବ

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ବ୍ରହ୍ମପୁର ଶାସନଠାରେ ପାରାଦୀପ ପୋର୍ଟ ପକ୍ଷରୁ ନିଆଯାଇଥିବା ଜମିକୁ ସ୍ଥାନୀୟ ଅଂଚଳର ଜଣେ ଖଣି ବ୍ୟବସାୟୀ ହାତେଇନେଇଥିବା ସମ୍ପର୍କରେ ସିବିଆଇରେ ହୋଇଥିବା ଅଭିଯୋଗର ତଦନ୍ତ ଆରମ୍ଭ ହୋଇଛି। ଏଥିନେଇ ପାରାଦୀପ ପୋର୍ଟର ଭିଜିଲାନ୍ସ ଡେଭଲପମେଂଟକୁ ଘଟଣାର ତଦନ୍ତ ପାଇଁ ସିବିଆଇ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ପୋର୍ଟର ଭିଜିଲାନ୍ସ ଟିମକୁ ସହାୟତା କରିବାକୁ ଅଭିଯୋଗକାରୀ ସର୍ବେଶ୍ୱର ବେହୁରାଙ୍କୁ ବିଭାଗ ପକ୍ଷରୁ ଚିଠି ମାଧ୍ୟମରେ ଜଣାଇଦିଆଯାଇଛି। ସୂଚନା ମୁତାବକ ଧର୍ମଶାଳା ତହସିଲର ବ୍ରହ୍ମପୁରଶାସନଠାରେ ଡମ୍ପିଙ୍ଗ ପାଇଁ ପାରାଦୀପ ପୋର୍ଟ ଟ୍ରଷ୍ଟକୁ ୩୪.୪୬ ଏକର ଜମି ପ୍ରଦାନ କରାଯାଇଛି। ଏଥିରୁ ୨୦ ଏକର ଜମିକୁ ୬ ବର୍ଷିଆ ଲିଜ ଆକାରରେ ସ୍ଥାନୀୟ ଅଂଚଳର ଖଣି ବ୍ୟବସାୟୀ ଶ୍ରୀବାସ ଜେନାଙ୍କୁ ୨୦୦୭ ନଭେମ୍ବର ୧ ତାରିଖରେ ପ୍ରଦାନ କରାଯାଇଥିଲା। ତେବେ ତା୮-୨-୨୦୧୨ରିଖରେ ଏହାର ଅବଧି ସରିଯାଇଥିଲେ ମଧ୍ୟ ଖଣି ବ୍ୟବସାୟୀ ଶ୍ରୀ ଜେନା ଏହି ୨୦ ଏକର ଜମିକୁ ବେଆଇନ ଭାବେ ନିଜ ଅକ୍ତିଆରରେ ରଖି ସେଠାରେ ନିଜର ବ୍ୟବସାୟ ଚଳାଉଥିବା ନେଇ ଅଭିଯୋଗ ହୋଇଆସୁଛି। ଏନେଇ ଧର୍ମଶାଳା ଅଂଚଳର ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଘଟଣାର ସିବିଆଇ ତଦନ୍ତ ପାଇଁ ଅପିଲ କରିଥିବା ବେଳେ ଏହାର ତଦନ୍ତ କାର୍ଯ୍ୟ ଆରମ୍ଭ ହୋଇଛି।

## ବାଲେଶ୍ୱର ସହରରେ ପୂଜା ପାଇଲେ ୬୦ରୁ ଊର୍ଦ୍ଧ୍ୱ ଗଣେଶ ପୂଜା ମଣ୍ଡପ

ବାଲେଶ୍ୱର (ପିଏନ୍)- ବାଲେଶ୍ୱର ସହରରେ ୬୦ରୁ ଊର୍ଦ୍ଧ୍ୱ ପୂଜା ମଣ୍ଡପରେ ଗଣେଶ ପୂଜା ଅନୁଷ୍ଠିତ ହୋଇଛି। ସ୍କୁଲ, କଲେଜ ପ୍ରଭୃତି ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ, ବିଭିନ୍ନ କ୍ଲବ ପକ୍ଷରୁ ପୂଜା ଅନୁଷ୍ଠିତ ହୋଇଥିବା ବେଳେ ସହରର ପାଣିଟାଙ୍କି ଛକଠାରୁ ଚିଡ଼ିଆପୋଲ ପର୍ଯ୍ୟନ୍ତ ବିବେକାନନ୍ଦ ମାର୍ଗରେ ବିଭିନ୍ନ କ୍ଲବ ପକ୍ଷରୁ ୩୮ଟି ମଣ୍ଡପରେ ହୋଇଥିବା ଗଣେଶ ପୂଜା ଏବେ ସମସ୍ତଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଫଳରେ ଡ଼ାକ୍ତରଖାନାରୁ ଚିଡ଼ିଆପୋଲ ପର୍ଯ୍ୟନ୍ତ ଗହଳି ଲାଗି ରହିଛି। ଜନଗହଳି ନିୟନ୍ତ୍ରଣ ଓ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପୂଜା ମଣ୍ଡପରେ ପୁଲିସ ଅଧିକାରୀମାନଙ୍କୁ ନିୟୋଜିତ କରାଯାଇଛି। ତଥାପି ବାଲେଶ୍ୱର ସହରରେ ପ୍ରମୁଖ ରାସ୍ତାଗୁଡ଼ିକରେ ଟ୍ରାଫିକ୍ ଜାମ୍ ହେଉଛି। ସେହିପରି ଫକିରମୋହନ ଗୋଲେଇସ୍ଥିତ ଲୋରୀ ବ୍ଲକରେ ମଧ ଅତ୍ୟନ୍ତ ଭିଡ଼ ହେଉଥିବାର ଦେଖାଯାଉଛି।

## ରାସ୍ତା ପାଇଁ ହୀନସ୍ଥା ହେଉଛନ୍ତି ୧୬ ନଂ ଓ୍ୱାର୍ଡ଼ର ବାସିନ୍ଦା

ବାଲେଶ୍ୱର (ପିଏନ୍)- ପୌରପାଳିକାର ୧୬ ନମ୍ବର ଓ୍ୱାର୍ଡ଼ରେ ପ୍ରାୟ ୧୦୦ ପରିବାର ବାସକରୁଥିବା ବେଳେ ଯାତାୟାତ ପାଇଁ ଉଦ୍ଦିଷ୍ଟ ଏକମାତ୍ର ରାସ୍ତାର ଅବସ୍ଥା କିନ୍ତୁ ଶୋଚନୀୟ ହୋଇପଡ଼ିଛି। ବର୍ଷା ହେଲେ ଆଣ୍ଠୁଏ ପାଣି ରାସ୍ତାରେ ଲହଡ଼ି ମାରେ। ଏହି ନାଳ ନର୍ଦ୍ଦମାର ପାଣି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରେ। ଏହି ନର୍ଦ୍ଦମା ପାଣିରେ ଛୋଟ ପିଲାମାନେ ପଶି ଅଙ୍ଗନବାଡ଼ିକୁ ଯାଉଥିବା ବେଳେ ଅଧିକ ବର୍ଷା ହେଲେ ଲୋକଙ୍କ ଘରେ ପାଣି ପଶିଯାଏ। ଯାହାଫଳରେ ବିଭିନ୍ନ ଜଳବାହିତ ରୋଗର କାରଣ ହୋଇଥାଏ। ବସ୍ତିବାସିନ୍ଦାଙ୍କ ଅନୁରୋଧକ୍ରମେ ୬ ମାସ ପୂର୍ବରୁ ରାସ୍ତା ଓ ନାଳ ନିର୍ମାଣ ପାଇଁ ୨ ଲକ୍ଷ ୪୭ ହଜାର ଟଙ୍କା ଅନୁମୋଦନ ହୋଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାହିଁକି ହେଉନାହିଁ ତାହା ବସ୍ତି ବାସିନ୍ଦା ଜାଣିପାରୁନାହାନ୍ତି। ତୁରନ୍ତ ଏହି ରାସ୍ତା ନିର୍ମାଣ ପାଇଁ ବସ୍ତିର ହାଡ଼ିଆ ଜେନା, ଚନ୍ଦନ ଜେନା, ସନି ଜେନା ଓ ମୁନ ଜେନା ପ୍ରମୁଖ ପୌରାଧକ୍ଷା ସବିତା ସାହୁଙ୍କୁ ନିବେଦନ କରିଛନ୍ତି।

## ଜେଲ୍ ପାଚେରୀ ଡେଇଁ ବିଚାରାଧୀନ କଏଦୀ ଫେରାର

ବାଲେଶ୍ୱର (ପିଏନ୍)-ସୋର ସବ୍‌ଜେଲରେ ଏବେ ବିଭିନ୍ନ ଅନିୟମିତତାକୁ ନେଇ ଚର୍ଚ୍ଚା ଲାଗି ରହିଛି। ଏଇ ଦୁଇଦିନ ତଳେ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ଥିବା ଜଣେ ବିଚାରାଧୀନ କଏଦୀ ପାଚେରୀ ଡେଇଁ ଫେରାର ହୋଇଯାଇଛି। ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଅଞ୍ଚଳର ସୁଦାମ ନାୟକ ନାମକ କଏଦୀ ଫେରାର ହୋଇଯାଇଛି। ନୂତନ ଜେଲ୍‌ରୁ ଆସିବା ପରେ କିଛିଦିନ ପୂର୍ବେ ଜେଲ୍‌ରେ କଏଦୀ ମାଡ଼ ମାରିବା ଘଟଣା, ଜେଲ୍ ଭିତରେ ମୋବାଇଲ ଜବତ ଘଟଣା ଓ ନିମ୍ନମାନର ଖାଦ୍ୟ ଦେଉଥିବା ଅଭିଯୋଗରେ ଜଣେ କଏଦୀଙ୍କ ପାଇଖାନାରେ ଆତ୍ମହତ୍ୟା ଘଟଣା ଜୋରଦାର ଚର୍ଚ୍ଚାରେ ରହିଛି। ଫେରାର କଏଦୀକୁ ଜେଲର୍‌ଙ୍କ ସମେତ ଜେଲ୍ କର୍ମଚାରୀ ବହୁ ଖୋଜାଖୋଜି କରିଥିବାର ଜଣାପଡ଼ିଛି।

# ସେପ୍ଟେମ୍ବର ୬ରୁ ୮ ଜିଲ୍ଲାରେ ଗଡ଼ିବ ଅହିଂସା ରଥ: ବାଣ୍ଟିବ ଅହିଂସା ଓ ଦେଶପ୍ରେମର ବାର୍ତ୍ତା

କେନ୍ଦୁଝର (ପିଏନ୍): ଚଳିତ ସେପ୍ଟେମ୍ବର ମାସ ୬ରୁ ୮ ତାରିଖ ପର୍ଯ୍ୟନ୍ତ କେନ୍ଦୁଝର ଜିଲ୍ଲାରେ ଗଡିବ ଦୁଇଟି ଅହିଂସା ରଥ। ଏହି ଭ୍ରାମ୍ୟମାଣ ଅହିଂସା ରଥ କେନ୍ଦୁଝର ଜିଲ୍ଲାର ୧୩ଟି ବ୍ଲକ୍ ଓ ୫ଟି ପୌରାଂଚଳ ପରିକ୍ରମା କରି ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଅମୋଘ ଅସ୍ତ୍ର ଅହିଂସା ମନ୍ତ୍ରର ପ୍ରଚାର କରିବା ସହ ଦେଶ ପ୍ରେମର ବାର୍ତ୍ତା ବାଂଟିବ। ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପବିତ୍ର ସ୍ୱାଧୀନତା ଦିବସ ଅବସରରେ ଭୁବନେଶ୍ୱର ସ୍ଥିତ ପ୍ରଦର୍ଶନୀ ପଡିଆରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଅମୂଲ୍ୟବାର୍ତ୍ତା ବହନ କରୁଥିବା ୪ଟି ଅହିଂସା ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ। ଆଗାମୀ ଅକ୍ଟୋବର ୨ ତାରିଖ ପର୍ଯ୍ୟ' ଉକ୍ତ ଅହିଂସା ରଥ ରାଜ୍ୟର ବିଭିନ୍ନ ଜିଲ୍ଲା ପରିକ୍ରମା କରିବ। ଏହିକ୍ରମରେ ଚଳିତ ସେପ୍ଟେମ୍ବର ୬ ତାରିଖ ମଙ୍ଗଳବାର ଦିନ ସକାଳେ ଦୁଇଟି ଅହିଂସା ରଥ ସୁନ୍ଦରଗଡ ଜିଲ୍ଲାରୁ କେନ୍ଦୁଝର ଜିଲ୍ଲା ପହଚିଂବ। କେନ୍ଦୁଝର ଜିଲ୍ଲାରେ ଅହିଂସା ରଥ ପରିକ୍ରମାକୁ ଶୃଙ୍ଖଳିତ କରିବାକୁ ଜିଲ୍ଲାପାଳ ଆଶିଷ ଠାକରେଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ତା୦୬.୦୯.୨୦୨୨ରିଖ ସୁନ୍ଦରଗଡ଼ ଜିଲ୍ଲା ସୀମା' ଯୋଡା ବ୍ଲକ୍ ଅନ୍ତର୍ଗତ ରେଙ୍ଗାଳବେଡା ଗ୍ରାମରେ ଦୁଇଟି ଅହିଂସା ରଥକୁ ସ୍ୱାଗତ କରାଯିବ ଏବଂ ପରେ ପରେ ଦୁଇଟି ଅହିଂସା ରଥ ଭିନ୍ନ ଭିନ୍ନ ରାସ୍ତାରେ ତା୦୮.୦୯.୨୦୨୨ରିଖ ପର୍ଯ୍ୟନ୍ତ ଜିଲ୍ଲାର ୧୩ଟି ବ୍ଲକ୍ ଏବଂ ୫ଟି ପୌରାଂଚଳ ପରିକ୍ରମା କରିବା ନିମନ୍ତେ ରୁଟ୍ ଚାର୍ଟ ପ୍ରସ୍ତୁତ କରାଯାଇଛି। ପ୍ରଥମ ରଥ ସେପ୍ଟେମ୍ବର ୬ ତାରିଖ ଦିନ ବଡବିଲ୍ ମ୍ୟୁନିସିପାଲିଟି, ଯୋଡା ବ୍ଲକ୍ ଅନ୍ତର୍ଗତ ଭଦ୍ରାସାହି ଗ୍ରାମ ପଂଚାୟତ କାର୍ଯ୍ୟାଳୟ, ଯୋଡା ମ୍ୟୁନିସିପାଲିଟି ବିଲେଇପଦା ଛକ, ବାସୁଦେବପୁର, ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ କୋଦଗାଡିଆ ଗ୍ରାମ ପଂଚାୟତ କାର୍ଯ୍ୟାଳୟ, ଜାମୁଦଲକ ଗ୍ରାମ ପଂଚାୟତ କାର୍ଯ୍ୟାଳୟ, ଚମ୍ପୁଆ ବସଷ୍ଟାଣ୍ଡ ଏବଂ ରିମୁଳି ପରିକ୍ରମା କରିବ। ସେପ୍ଟେମ୍ବର ୭ ତାରିଖ ଦିନ ଉକ୍ତ ରଥ ଝୁମ୍ପୁରା ବ୍ଲକ୍ ଅନ୍ତର୍ଗତ ବାଳିବନ୍ଧ ଗ୍ରାମ ପଂଚାୟତ କାର୍ଯ୍ୟାଳୟ, ପି.ଏସ୍. ମହାବିଦ୍ୟାଳୟ ଝୁମ୍ପୁରା (ଅର୍ଶଳା), ଝୁମ୍ପୁରା ଦୁର୍ଗା ପଡିଆରେ ଅହିଂସା ଓ ଦେଶ ପ୍ରେମର ବାର୍ତ୍ତା ବାଂଟିବା ପରେ ଅହିଂସା ରଥ ନରଣପୁର ଦେଇ ଘଟଗାଁ ବ୍ଲକ୍‌ର ବସନ୍ତପୁର ହାଇସ୍କୁଲ, ପଣ୍ଡାପଡା, ଢେଙ୍କିକୋଟ୍ ଦେଇ ଘଟଗାଁ ଅଭିମୁଖେ ଯାତ୍ରା କରିବ। ସେପ୍ଟେମ୍ବର ୮ ତାରିଖ ଗୁରୁବାର ଦିନ ଉକ୍ତ ରଥ ଘଟଗାଁରୁ ବାହାରି ପାଟଣା ବ୍ଲକ୍ ଅନ୍ତର୍ଗତ ମଲ୍ଲୀପଶି ଗ୍ରାମ ଏବଂ ଜନତା ହାଇସ୍କୁଲ୍ ମଲ୍ଲୀପଶି, ଜି.ଏନ୍. ହାଇସ୍କୁଲ୍ ପାଟଣା ପହଂଚିବ। ସେଠାରୁ ଅହିଂସା ରଥ ସାହାରପଡା ବ୍ଲକ୍ ଅନ୍ତର୍ଗତ କପୁଣ୍ଡି ଛକ, ଖଜୁରିଡିହା ହାଇସ୍କୁଲ୍ ଧାନବେଣୀ, ସିଲିପଦା, ଉଦୟପୁର ହାଇସ୍କୁଲ୍, ସାହାରପଡା ହାଇସ୍କୁଲ୍ ପରିକ୍ରମା କରିବ। ସେହିପରି ଦ୍ୱିତୀୟ ରଥ ସେପ୍ଟେମ୍ବର ୬ ତାରିଖ ମଙ୍ଗଳବାର ଦିନ ସଦର ବ୍ଲକ୍ ଅନ୍ତର୍ଗତ ପଳାଶପଙ୍ଗାରୁ ପରିକ୍ରମା ଆରମ୍ଭ କରିବ। ପଳାଶପଙ୍ଗାରୁ ପଦ୍ମପୁର ଛକ, ରାଇସୁଆଁ ହାଇସ୍କୁଲ୍ ପରିକ୍ରମା କରି କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପହଂଚିବ। ସେଠାରେ ଅହିଂସା ରଥକୁ ଭବ୍ୟ ସ୍ୱାଗତ ପରେ ରଥ କେନ୍ଦୁଝରଗଡ଼ ପୌରପାଳିକା ଅନ୍ତର୍ଗତ ଥାନା ଛକ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପୁରୁଣା ସହର ବଡଦାଣ୍ଡ ପରିକ୍ରମା କରି ବାଂଶପାଳ ବ୍ଲକ୍ ଅନ୍ତର୍ଗତ ଶୁଆକାଟୀ, ପାଟେଶ୍ୱର କନିଷ୍ଠ ମହାବିଦ୍ୟାଳୟ ଶୁଆକାଟୀ ପରିକ୍ରମା କରି ସାହାରପୁର ଏସ୍.ଏସ୍.ଡି. ହାଇସ୍କୁଲଠାରେ ପହଂଚିବ। ସେପ୍ଟେମ୍ବର ୭ ତାରିଖ ବୁଧବାର ଦିନ ବାଂଶପାଳରୁ ଅହିଂସା ରଥ ବାହାରି ତେଲକୋଇ ବ୍ଲକ୍, ତେଲକୋଇ ବାଳିକା ଉଚ୍ଚ ବିଦ୍ୟାଳୟ ପରିକ୍ରମା କରି ହରିଚନ୍ଦନପୁର ବ୍ଲକ୍ ଅନ୍ତର୍ଗତ ମହାପାଟ ହାଇସ୍କୁଲ ଜଙ୍ଘିରାଠଶରେ ପହଂଚିବ। ସେଠାରୁ ବି.ବି. ମହାବିଦ୍ୟାଳୟ ହରିଚନ୍ଦନପୁର, ଦୈତାରୀ ହାଇସ୍କୁଲ୍ ପରିକ୍ରମା କରିବ। ସେପ୍ଟେମ୍ବର ୮ ତାରିଖ ଗୁରୁବାର ସକାଳେ ଅହିଂସା ରଥ ଦୈତାରୀରୁ ବାହାରି ଘଷିପୁରା ବ୍ଲକ୍ ଅନ୍ତର୍ଗତ ବରିପାଳ ଗ୍ରାମ ପଂଚାୟତ କାର୍ଯ୍ୟାଳୟ, ଦେଓଗାଁ ଗ୍ରାମ ପଂଚାୟତ କାର୍ଯ୍ୟାଳୟ, ଘଷିପୁରା ବ୍ଲକ୍ କାର୍ଯ୍ୟାଳୟ ପରିକ୍ରମା ସାରି ହାଟଡିହି ବ୍ଲକ୍ କାର୍ଯ୍ୟାଳୟ, ଓରାଳି ଗ୍ରାମ ପଂଚାୟତ କାର୍ଯ୍ୟାଳୟ, ଶାସଙ୍ଗ ହାଇସ୍କୁଲ୍, ବଂଚୋ ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ପହଂଚିବ। ସେଠାରୁ ଅହିଂସା ରଥ ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ତରତରା ଗ୍ରାମ ପଂଚାୟତ କାର୍ଯ୍ୟାଳୟ, ଶାଳବଣି ବାଳିକା ଉଚ୍ଚ ବିଦ୍ୟାଳୟ ପରିକ୍ରମା କରି ଆନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟ ଏବଂ ଆନନ୍ଦପୁର ପୌରପାଳିକାରେ ପହଂଚିବ। ଉପରୋକ୍ତ ଦୁଇଟି ଅହିଂସା ରଥ ଜିଲ୍ଲାର ବିଭିନ୍ନ ଅଂଚଳ ପରିକ୍ରମା ସମୟରେ ବିଭିନ୍ନ ସ୍ଥାନରେ ଅହିଂସା ରଥକୁ ଭବ୍ୟ ସ୍ୱାଗତ ସଂବର୍ଦ୍ଧନା ଜ୍ଞାପନ କରାଯିବ ଏବଂ ନିର୍ଦ୍ଧାରିତ ସ୍ଥାନମାନଙ୍କରେ ଭ୍ରାମ୍ୟମାଣ 'ଅହିଂସା ରଥ'ରେ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ସଂପର୍କରେ ଭିଡିଓ ବାର୍ତ୍ତା, ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା, ଗାନ୍ଧିଜୀ ଓ ଓଡିଶା ଶୀର୍ଷକ ଚଳଚ୍ଚିତ୍ର ପ୍ରଦର୍ଶିତ ହେବ। କେନ୍ଦୁଝର ଜିଲ୍ଲା ପରିକ୍ରମା କରିବା ପରେ ସେପ୍ଟେମ୍ବର ୯ ତାରିଖ ସକାଳେ ଉକ୍ତ ଦୁଇଟି ଅହିଂସା ରଥ ମୟୁରଭଂଜ ଜିଲ୍ଲା ଅଭିମୁଖେ ଯାତ୍ରା କରିବ। ସୂଚନାଯୋଗ୍ୟ ଯେ କେନ୍ଦୁଝର ଜିଲ୍ଲାରେ ଅହିଂସା ରଥ ପରିକ୍ରମାକୁ ସୁଗମ ଓ ଶୃଙ୍ଖଳିତ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି ଏବଂ ଏହି ମର୍ମରେ ତା୦୧.୦୯.୨୦୨୨ରିଖ ଦିନ ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ଜିଲ୍ଲାର ବିଡିଓ ଓ ପୌରପାଳିକା/ଏନ୍.ଏ.ସି.ର ନିର୍ବାହୀ ଅଧିକାରୀମାନଙ୍କୁ ସଂପୃକ୍ତ ଅଂଚଳ ପାଇଁ ନୋଡାଲ୍ ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି। ଉପଜିଲ୍ଲାପାଳମାନଙ୍କୁ ଅହିଂସା ରଥ ପରିକ୍ରମାର ସୁପରିଚାଳନା ଦାୟିତ୍ୱ ଦିଆଯାଇଛି। ଜିଲ୍ଲାସ୍ତରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ଜିଲ୍ଲାର ମୁଖ୍ୟ ନୋଡାଲ୍ ଅଫିସର ଦାୟିତ୍ୱ ନିର୍ବାହ କରୁଥିବା ବେଳେ ଉପନିର୍ଦ୍ଦେଶକ ସୂଚନା ଓ ଲୋକସଂପର୍କ ସଂଜୀବ ବାରିକ ସଂଯୋଜକ ଭାବେ ଦାୟିତ୍ୱ ନିର୍ବାହ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅହିଂସା ରଥର ସଫଳ ପରିକ୍ରମା ପାଇଁ ବ୍ଲକ୍ ଓ ପୌରପାଳିକାସ୍ତରରେ ସମସ୍ତ ଲାଇନ୍ ଡିପାର୍ଟମେଂଟ୍ ଅଫିସରମାନେ ବିଡିଓ ଓ ନିର୍ବାହୀ ଅଧିକାରୀମାନଙ୍କୁ ସକ୍ରିୟ ସହଯୋଗ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏତଦ୍‌ବ୍ୟତୀତ ଅହିଂସା ରଥକୁ ବିଭିନ୍ନ ସ୍ଥାନରେ ବିପୁଳ ସ୍ୱାଗତ ସଂବର୍ଦ୍ଧନା ଜଣାଇବା ପାଇଁ ଲୋକ ପ୍ରତିନିଧି, ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ, ମିଶନ ଶକ୍ତି ଗ୍ରୁପ୍, ଅଙ୍ଗନୱାଡି କର୍ମୀ, ଆଶା, ସ୍ୱାସ୍ଥ୍ୟକର୍ମୀ, ଗଣମାଧ୍ୟମର ପ୍ରତିନିଧି, ଶିକ୍ଷାବିତ୍, ବୁଦ୍ଧିଜୀବୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ବିଭିନ୍ନ ଅନୁଷ୍ଠାନ, ଯୁବକ ସଂଘ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, କଳାକାର ତଥା ଜନସାଧାରଣଙ୍କର ସକ୍ରିୟ ସହଯୋଗ ଓ ସଂପୃକ୍ତି କାମନା କରାଯାଇଛି।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

## ସେପ୍ଟେମ୍ବର ମାସ ପାଇଁ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ପ୍ରକାଶ ପାଇଲା

କେନ୍ଦୁଝର (ପିଏନ୍): ୨୦୨୨ ମସିହା ସେପ୍ଟେମ୍ବର ମାସ ପାଇଁ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ପ୍ରକାଶ ପାଇଛି। ତା୦୫.୦୯.୨୦୨୨ରିଖ ସୋମବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ଠାରେ, ତା୧୨.୦୯.୨୦୨୨ରିଖ ସୋମବାର ଦିନ ଆନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟଠାରେ, ତା୧୯.୦୯.୨୦୨୨ରିଖ ସୋମବାର ଦିନ ହରିଚନ୍ଦନପୁର ବ୍ଲକ୍ କାର୍ଯ୍ୟାଳୟ ଠାରେ ଏବଂ ତା୨୬.୦୯. ୨୦୨୨ରିଖ ସୋମବାର ଦିନ ଚମ୍ପୁଆ ବ୍ଲକ୍ କାର୍ଯ୍ୟାଳୟ ଠାରେ ମିଳିତ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ଏହି ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସଂପର୍କରେ ବିହିତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ଆଶିଷ ଠାକ୍‌ରେ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏତଦ୍‌ବ୍ୟତୀତ କାର୍ଯ୍ୟସୂଚୀ ଅନୁଯାୟୀ ଅଭିଯୋଗ ଶୁଣାଣୀ ସ୍ଥାନମାନଙ୍କରେ ଚିକିତ୍ସା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଶ୍ରମ, ଉଠାଜଳସେଚନ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ଯୋଗାଣ ବିଭାଗ, ଜଳଛାୟା ବିଭାଗ ତରଫରୁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସଂପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ଆଶିଷ ଠାକରେ ନିର୍ଦ୍ଦେଶ ଦେଇଛନ୍ତି।

## ଯାଯାବରଙ୍କଠାରୁ ୩ ମାଙ୍କଡ ଉଦ୍ଧାର

ଭଗାମୁଣ୍ଡା (ପିଏନ୍): ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଭଗାମୁଣ୍ଡା ଶିଶୁ ମନ୍ଦିର ପଡିଆଠାରେ ଗତ କିଛିଦିନ ହେବ ୱେଷ୍ଟବେଙ୍ଗଲ ଅଂଚଳର କିଛି ଯାଯାବର ରହି ଆସୁଥିଲେ। ଏମାନେ ଗାଁ ଗାଁ ବୁଲି ମାଙ୍କଡ ନାଚ କରୁଥିଲେ। ଖବର ପାଇ ଆନନ୍ଦପୁର ଡିଏଫ୍‌ଓ ଅଭୟ କୁମାର ଦଳେଇ, ବ୍ରାହ୍ମଣୀପାଳ ରେଂଜର ରମାକାନ୍ତ ସେଠୀ, ଫରେଷ୍ଟର ଦିବାକର ମୁଣ୍ଡା, ଭଗାମୁଣ୍ଡାର ନବକିଶୋର ନାଏକ, ଶଗଡପଟାର ଜ୍ୟୋତିରଂଜନ ମାଝୀ ଚଢାଉ କରି ୩ ମାଙ୍କଡଙ୍କୁ ଉଦ୍ଧାର କରି ଆଳୁଘାଟି ଘଞ୍ଚ ଜଙ୍ଗଲରେ ଛାଡି ଦେଇଥିବା ଦେଖିବାକୁ ମିଳିଥିବା ବେଳେ ଯାଯାବରମାନଙ୍କୁ ସେହି ସ୍ଥାନ ଛାଡି ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଭିଡିଓ କନଫରେନ୍ସି ଜରିଆରେ ବନ୍ୟା ପରିସ୍ଥିତିର ସମୀକ୍ଷା ବୈଠକ, କ୍ଷୟକ୍ଷତି ରିପୋର୍ଟ ପ୍ରଦାନ କରିବାକୁ ଅଧିକାରୀଙ୍କୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ଖୋର୍ଦ୍ଧା (ପିଏନ)- ଜିଲ୍ଲାରେ ବନ୍ୟା ପରବର୍ତି ସ୍ଥିତିର ସମୀକ୍ଷା ବୈଠକ ଖୋର୍ଦ୍ଧା ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତିଙ୍କ ପୌରୋହିତ୍ୟରେ ଓସୱାନ ସମ୍ମିଳନୀ କକ୍ଷରେ ଭିଡିଓ କନଫରେନ୍ସି ଜରିଆରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାର ବନ୍ୟାଚଂଳରେ ପାନୀୟ ଜଳ, ସ୍ୱାସ୍ଥ୍ୟ, ସଡକପଥ ଓ ବିଦ୍ୟୁତ ପୁନଃ ସଂଯୋଗ କରିବା ସହ ସର୍ବନିମ୍ନ ସୁବିଧା ଉପଲବ୍ଧ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ଏହିଭଳି ଅଭିଯୋଗ ଆସିଲେ ଯାଂଚ କରି ଯୁଦ୍ଧକାଳୀନ ଭିତିରେ ସମାଧାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି କ୍ଷତିଗ୍ରସ୍ତ ଅଂଚଳରେ କ୍ଷୟକ୍ଷତି ଆକଳନ ରିପୋର୍ଟକୁ ପ୍ରଦାନ କରିବାକୁ ଜିଲ୍ଲାପାଳ କହିଥିଲେ। ଏହି କ୍ଷୟକ୍ଷତି ଆକଳନ ସମୟରେ ଯୋଗ୍ୟ ହିତାଧିକାରୀ ଯେପରି କ୍ଷତି ପୂରଣ ପାଇବାରୁ ତାଲିକାରେ ବଂଚିତ ନ ହୁଅନ୍ତି ସେଥିପ୍ରତି ଯଥେଷ୍ଟ ଯତ୍ନବାନ ହୋଇ କାର୍ଯ୍ୟ କରିବା ସହ ଅଯୋଗ୍ୟ ବ୍ୟକ୍ତିଙ୍କୁ ବାଦ ଦେଇ ପଦକ୍ଷେପ ନେବାକୁ ପୂର୍ବରୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହାର ଆକଳନ ନିମନ୍ତେ ବ୍ଲକ ସ୍ତରରେ ଟିମ ମାନ ଗଠନ କରାଯାଇ ସଂପୃକ୍ତ ଟିମରେ ପଂଚାୟତିରାଜ, ରାଜସ୍ୱ ଏବଂ ସଂପୃକ୍ତ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ରଖିବା ନିମନ୍ତେ ପୂର୍ବ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ମନୋଜକୁମାର ପାଢୀ, ଉପଜିଲ୍ଲାପାଳ ଗୌରବ ଶିବାଜୀ, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଭୁବନେଶ୍ୱର ଉପ-ଜିଲ୍ଲାପାଳ ଦେବବ୍ରତ ସାହୁ, ଜିଲ୍ଲା ଆପଦକାଳୀନ ଅଧିକାରୀ ଉର୍ମିପ୍ରଭା ମହାରଣା, ବିଭିନ୍ନ ବିଭାଗର ଅଧିକାରୀ, ବିଡିଓ ଓ ତହସିଲଦାର ପ୍ରମୁଖ ଉପସ୍ଥିତ ରହିଥିଲେ।

## ବାଲ୍ୟ ବିବାହ, ଶିଶୁ ଓ ମହିଳା ବିରୋଧି ଅପରାଧ ସଚେତନତା ରଥର ଶୁଭାରମ୍ଭ

ଖୋର୍ଦ୍ଧା (ପିଏନ)-ଜିଲ୍ଲାରେ ସଚେତନତା ଅଭାବରୁ ବାଲ୍ୟ ବିବାହ ଭଳି କଳଙ୍କିତ ପ୍ରଥା ସମାଜରେ ଆଜିପର୍ଯ୍ୟନ୍ତ ବଂଚି ରହିଛି। ପିତାମାତାଙ୍କ ସମେତ ସମ୍ପର୍କୀୟମାନେ ପରମ୍ପରା ଓ ଦାରିଦ୍ର୍ୟତା କାରଣରୁ କିଶୋରୀ ବାଳିକାମାନଙ୍କୁ ବିବାହ ବନ୍ଧନରେ ଆବଦ୍ଧ କରାଇ ମୃତ୍ୟୁମୁଖକୁ ଠେଲି ଦେଉଛନ୍ତି। ତେବେ ବିବାହଯୋଗ୍ୟ ବୟସ ପୂର୍ବରୁ ମାତୃତ୍ୱ ଲାଭ କରି ଅକାଳରେ ଝଡି ଯାଉଛନ୍ତି ଅନେକ କିଶୋରୀ ବାଳିକା। ଜିଲ୍ଲାରେ ଏଭଳି କୁତ୍ସିତ ପ୍ରଥାର ବିଲୋପ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସଚେତନତା ଭ୍ରାମ୍ୟମାଣ ରଥଟି ପାଂଚଦିନ ଧରି ୧୦ ଗୋଟି ବ୍ଲକରେ ପରିକ୍ରମା କରିବ ବୋଲି ଜଣାପଡିଛି। ଗତ ମଙ୍ଗଳବାର ଦିନ ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସଚେତନତା ରଥକୁ ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତି ଓ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୁଷ୍ପାଞ୍ଜଳୀ ମିଶ୍ର ସବୁଜ ପତାକା ହଲାଇ ଶୁଭାରମ୍ଭ କରିଥିଲେ। ଏଥିରେ ବାଲ୍ୟ ବିବାହକୁ ନା ସ୍କୁଲ ଯିବାକୁ ହଁ କହିବା, ବାଲ୍ୟବିବାହ ବନ୍ଦ କରିବା, ଲିଙ୍ଗଗତ ଭେଦଭାବ ଦୂର କରିବା, ଶିଶୁ ଅଧିକାର ସୁରକ୍ଷା, ଶିଶୁ ଚାଲାଣ ରୋକିବା ଓ ମହିଳା ହିଂସା ରୋକିବା ଆଦି ବାର୍ତ୍ତା ବହନ କରି ରଥଟି ପରିକ୍ରମା କରିବ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଗୌରବ ଶିବାଜୀ, ଆପଦକାଳୀନ ଅଧିକାରୀ ଉର୍ମିପ୍ରଭା ମହାରଣା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ, ପ୍ରକଳ୍ପ ଅଧିକାରୀ ଶିଖା ରାୟ ଓ ପୋଦ୍ଦାର, ପରାମର୍ଶଦାତା ସ୍ୱାତୀ ତନ୍ମୟା ମିଶ୍ରଙ୍କ ସମେତ ସିଡିପିଓ, ସୁପରଭାଇଜର, ଅଙ୍ଗନବାଡି କର୍ମୀ ଓ କିଶୋରୀ ବାଳିକା ଉପସ୍ଥିତ ରହିଥିଲେ।




# ବେଙ୍ଗାଲୁରୁଠାରେ ମହାବିନାୟକ ମହୋତ୍ସବ ସମାପନ



ବେଙ୍ଗାଲୁରୁ, (ପି.ଏନ): ବେଙ୍ଗାଲୁରୁଠାରେ ଓଡ଼ିଶା ପୂଜା କମିଟି ତରଫରୁ ମହାସମାରୋହରେ ୨୮ତମ ମହାବିନାୟକ ମହୋତ୍ସବ ପାଳନ କରାଯାଇଥିବା ଜଣାଯାଇଛି। ଏହି ଉପଲକ୍ଷେ ପୂଜାସ୍ଥଳୀ ଏମ୍. ବିଶ୍ୱେଶ୍ୱରାୟ କଲେଜ ପ୍ରାଙ୍ଗଣରେ ନିର୍ମିତ ପୂଜା ମଣ୍ଡପକୁ ଦକ୍ଷିଣ ଭାରତୀୟ ମନ୍ଦିର ଶୈଳୀରେ ସଜା ଯାଇଥିଲା। ସକାଳ ୯ଟା ବେଳେ ମଙ୍ଗଳମୂର୍ତ୍ତି ପ୍ରତିଷ୍ଠା ଏବଂ ପୂଜାର୍ଚ୍ଚନା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଦିନ ସାଢ଼େ ଏଗାରଟା ବେଳେ ଭକ୍ତମାନେ ବୁଦ୍ଧିଦାତାଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଉତ୍ସବରେ ବହୁ ବରେଣ୍ୟ ପ୍ରବାସୀ ଓଡ଼ିଆ ଓ ଅଣଓଡ଼ିଆ ନେତୃବର୍ଗ ଯୋଗଦେଇଥିବା ଦେଖାଯାଇଥିଲା। କରୋନା ବାଧକତା ଯୋଗୁଁ ଦୀର୍ଘ ଦୁଇ ବର୍ଷର ବ୍ୟବଧାନରେ ଗଣେଶ ପୂଜା ପାଳନ କରାଯାଉଥିବାରୁ ଆୟୋଜକ ଓଡ଼ିଶା ପୂଜା କମଟିର ସଦସ୍ୟ ଓ ଶୁଭେଚ୍ଛୁମାନଙ୍କ ମନରେ ଅଭୂତପୂର୍ବ ଆନନ୍ଦ, ଉତ୍ସାହ, ଉଲ୍ଲାସ ଏବଂ ଉଦ୍ଦୀପନା ପରିଲକ୍ଷିତ କରାଯାଇଥିଲା। ବର୍ଷା ହେବା ସତ୍ତ୍ୱେ ସନ୍ଧ୍ୟାର ଷ୍ଟାର ନାଇଟ୍‌ର କାର୍ଯ୍ୟକ୍ରମକୁ ପ୍ରାୟ ୨୦ ହଜାର ଦର୍ଶକ ମନଭରି ଉପଭୋଗ କରୁଥିବାର ଦୃଶ୍ୟ ନିଆରା ଥିଲା। ଚଳିତ ବର୍ଷର ଷ୍ଟାର ନାଇଟର ମୁଖ୍ୟ ଆକର୍ଷଣ ଓଲିଉଡ୍ ତାରକା ବାବୁଶାନଙ୍କ ସହିତ ଦମନ ଚଳଚ୍ଚିତ୍ରର କଳାକାରବୃନ୍ଦ ଏବଂ ପ୍ରସିଦ୍ଧ ଅଭିନେତ୍ରୀ ଏଲିନା ସାମନ୍ତରାୟଙ୍କର ଦମ୍‌ଦାର ମଞ୍ଚାରୋହଣ ଥିଲା। ଏହି ଅବସରରେ ଆୟୋଜିତ ରଙ୍ଗାରଙ୍ଗ ସାଂସ୍କୃତିକ ଅଧୀବେଶନରେ କୁଳଦୀପ ପଟ୍ଟନାୟକ, ଅର୍ଚ୍ଚନା ପାଢ଼ୀ ଏବଂ ନବ୍ୟା ଜଇତି ପ୍ରମୁଖ ପ୍ରତିଷ୍ଠିତ କଣ୍ଠଶିଳ୍ପୀମାନେ ସେମାନଙ୍କର ଯାଦୁଗରୀ ଗାୟନରେ ଦର୍ଶକମାନଙ୍କର ବେଶ୍ ମନୋରଞ୍ଜନ କରିଥିଲେ। ପ୍ରସିଦ୍ଧ ହାସ୍ୟ ଅଭିନେତା ମଧୁସୂଦନ ମିଶ୍ର ଏବଂ ପ୍ରିତିରଞ୍ଜନ ପ୍ରଧାନ ମ୍ମ ସେମାନଙ୍କର ଉଚ୍ଚକୋଟୀର କଳାଚାତୁର୍ଯ୍ୟ ପ୍ରଦର୍ଶନ କରି ଦେଖଣାହାରୀମାନଙ୍କୁ ବିଭୋର କରିଦେଇଥିଲେ। ରଜରାଣୀ ରୂପାଲୀ ପାଣିଙ୍କର ଉପସ୍ଥିତି ବି ବେଶ୍ ଆକର୍ଷକ ଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦକ୍ଷ ଉପସ୍ଥାପିକା ଜ୍ୟୋତ୍ସ୍ନା ପ୍ରିୟଦର୍ଶିନୀ ସୂଚାରୁ ରୂପେ ସଂଯୋଜନା ଓ ସଂଚାଳନା କରିଥିଲେ। ସଭା ଶେଷରେ ପ୍ରାୟ ୭୦୦୦ ଶ୍ରଦ୍ଧାଳୁଙ୍କୁ ସ୍ୱାଦିଷ୍ଟ ପ୍ରସାଦରେ ଆପ୍ୟାୟିତ କରାଯାଇଥିଲା।ଉପସ୍ଥିତ ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ ଅସୀମ ଓଡ଼ିଶାର ସଭାପତି କ୍ଷୀରୋଦ ଜେନା, ସମ୍ପାଦକ ନିରଞ୍ଜନ ମିଶ୍ର, ଡଃ ପ୍ରତାପ ପାଣି, ପୀତାମ୍ବର ବିଷୋୟୀ, ନିତ୍ୟାନନ୍ଦ ସାହୁ, ନିଶିକାନ୍ତ ମହାପାତ୍ର, ପାର୍ଥ ଦାଶ, ପୁନମ ମହାପାତ୍ର, ବୀନିତ ଗୁପ୍ତା, ଶ୍ରୀକାନ୍ତ ଉପ୍ପାୟ, ସଞ୍ଜୟ ସ୍ୱାଇଁ ଏବଂ ପ୍ରବୋଧ ସାମନ୍ତରା ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ। ଗତ ଗୁରୁବାର ଦିନ ଶ୍ରୀଗଣେଶଙ୍କର ପ୍ରତିମାକୁ ରୋଷଣି କରି ନିଆଯାଇ ସନ୍ଧ୍ୟା ସଢ଼େ ୫ଟାବେଳେ ଅଲ୍‌ସୁର୍ ହ୍ରଦରେ ବିସର୍ଜନ କରାଯାଇଥିବା ଜଣାଯାଇଛି। ସମଗ୍ର ଉତ୍ସବ ଆୟୋଜନ କରିବାରେ ଓଡ଼ିଶା ପୂଜା କମିଟିର ଉପଦେଷ୍ଟା ନୀହାର ସାମନ୍ତରା, ପ୍ରକାଶ ସାମନ୍ତରାୟ, ପିଙ୍କିସ ପ୍ରଧାନ, ସଭାପତି ହରପ୍ରସାଦ ମହାପାତ୍ର, ଉପସଭାପତି ପ୍ରଣୟ ସାହୁ, ସାଧାରଣ ସମ୍ପାଦକ ହିମାଂଶୁ ମହାପାତ୍ର, ଯୁଗ୍ମ ସମ୍ପାଦକ ବୃନ୍ଦ ପ୍ରିୟବ୍ରତ ଦାଶ, ପ୍ରଭୁଦତ୍ତ ଧଳ, ସୌମ୍ୟ ରଞ୍ଜନ ମହାନ୍ତି, ଚିନ୍ମୟ ମନୋରଞ୍ଜନ ମହାନ୍ତି, ବିନୟ ସାହୁ, ଅଜିତ ପଣ୍ଡା, ସଦସ୍ୟ ସଂଗ୍ରାମ ମହାନ୍ତି, ଅଲିଭ ତ୍ରିପାଠୀ ଏବଂ ସ୍ମୃତିରଞ୍ଜନ ପ୍ରମୁଖ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ।

# ଏକ ହଜାରରୁ ଉର୍ଦ୍ଧ୍ୱ ଦଣ୍ଡସେନା ପରିବାରର ନୂଆଖାଇ

ନୂଆପଡା, (ପି.ଏନ): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ନେହେନା ଦଣ୍ଡସେନା ପରିବାରର ଓଡ଼ିଶା ପ୍ରସିଦ୍ଧ ନୂଆଖାଇ ପର୍ବ ହର୍ଷ ଉଲ୍ଲାସରେ ପାଳିତ ହୋଇଯାଇଛି । ଏହି ପରିବାର ସମ୍ପୂର୍ଣ୍ଣ କୃଷି ଉପରେ ନିର୍ଭର କରୁଥିବା ବେଳେ କୃଷିଭିତିକ ପର୍ବ ନୂଆଖାଇକୁ ମହାସମାରୋହରେ ପାଳନ କରନ୍ତି । ନେହେନା ଦଣ୍ଡସେନା ପରିବାର ଗୋଟିଏ ବିଶାଳ ପରିବାର ହୋଇଥିବା ବେଳେ ଏହାର ଏକ ହଜାରରୁ ଅଧିକ ସଦସ୍ୟ ଦୀର୍ଘ ବର୍ଷ ଧରି ଏକତ୍ର ନୂଆଖାଇ ପର୍ବ ପାଳନ କରି ଆସୁଛନ୍ତି । ବିଗତ ଦୁଇ ବର୍ଷ କରୋନା ମହାମାରୀ ଯୋଗୁ ବନ୍ଦ ରହିଥିଲା । ଚଳିତ ୨୦୨୨ ମସିହାରେ ପରିବାରର ସମସ୍ତ ସଦସ୍ୟ ଗୋଟିଏ ସ୍ଥାନରେ ନୂଆଖାଇ ପର୍ବ ପାଳନ କରି ଏକତା ଓ ଭାଇଚାରାର ନିଦର୍ଶନ ଦେଇଛନ୍ତି । ପ୍ରଥମେ ପରିବାରର ଇଷ୍ଟ ମା ମଙ୍ଗଳାଙ୍କୁ ନୂଆ ଅର୍ପଣ କରିବା ପରେ ସମସ୍ତ ଦେବାଦେବୀଙ୍କୁ ଅର୍ପଣ କରି ନୂଆ ଖାଇଥିଲେ । ନୂଆଖାଇ ସାରିବା ପରେ ନୂଆଖାଇ ଭେଟ କାର୍ଯ୍ୟକ୍ରମରେ ଜ୍ୟେଷ୍ଠ ମାନଙ୍କୁ ନୂଆଖାଇ ଜୁହାର କରି ଆଶୀର୍ବାଦ ନେଇଥିଲେ । ଚଳିତ ବର୍ଷ ପାଇଁ ସାମୁହିକ ନୂଆଖାଇ ପର୍ବ ସ୍ୱର୍ଗତ ପିତାମ୍ବର ଦଣ୍ଡସେନାଙ୍କ ସ୍ମୃତି ଉଦ୍ଦେଶ୍ୟରେ ପାଳନ କରାଯାଇଥିଲା । ଏହାର ସମସ୍ତ ଖର୍ଚ୍ଚ ତାଙ୍କର ଦୁଇ ପୁଅ ବିକ୍ରମ ସିଂ ଦଣ୍ଡସେନା ଓ ବିରେନ୍ଦ୍ର ସିଂ ଦଣ୍ଡସେନା ବହନ କରିଥିଲେ । ଏହି ଦଣ୍ଡସେନା ପରିବାର ଗୋଟିଏ ବିଶାଳ ପରିବାର ହୋଇଥିବା ବେଳେ ଏହି ପରିବାରର ଅନେକ ସଦସ୍ୟ ରାଜ୍ୟ ତଥା ରାଜ୍ୟ ବାହାରୁ ଆସି ନୂଆଖାଇରେ ସାମିଲ ହୋଇଥିଲେ । ନୂଆଖାଇ ପ୍ରସ୍ତୁତିରେ ଯୁବ ଗୋଷ୍ଠି ପ୍ରମୁଖ ଭୂମିକା ନିଭାଉ ଥିବାବେଳେ ବରିଷ୍ଠ ମାନେ କଣ କରାଯିବ ସେନେଇ ଦିଗଦର୍ଶନ ଦେଉଥିଲେ । ଚଳିତ ବର୍ଷ ନୂଆଖାଇରେ ଦିନ ବେଳେ ଛାତ୍ରଛାତ୍ରୀ ଓ ମହିଳା ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତି ପ୍ରତିଯୋଗି ମାନଙ୍କୁ ପୁରସ୍କୃତ କରାଯାଇଥିଲା ଓ ରାତ୍ରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ କେବଳ ପରିବାରର ସଦସ୍ୟ ମାନେ ଭାଗ ନେଇଥିଲେ । ଏଥିରେ ଦଣ୍ଡସେନା, ବିରେନ୍ଦ୍ର ଦଣ୍ଡସେନା, ସାରଙ୍ଗ ପାଣି, ରାଜୁ, ଯୁଗଲ, ଆଶୁତୋଷ, ବିଶ୍ୱରଞ୍ଜନ, ସଞ୍ଜୀବ, ଘେନୁରାମ ଓ ପରିବାରର ଅନ୍ୟ ସଦସ୍ୟ ମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

# ପଦ୍ମଶ୍ରୀ କମଳା ପୂଜାରୀଙ୍କୁ ନଚାଇବା ପ୍ରସଙ୍ଗ, ମହିଳା ସମାଜସେବୀଙ୍କଉପରେ କାର୍ଯ୍ୟାନୁଷ୍ଠାନ ଦାବୀ

ଜୟପୁର, (ପି.ଏନ): ପଦ୍ମଶ୍ରୀ କମଳା ପୂଜାରୀଙ୍କୁ ଚିକିତ୍ସାଧୀନ ଅବସ୍ଥାନେର ଆଇସିୟୁ ଭିତରେ ନଚାଇବା ପ୍ରସଙ୍ଗରେ ସମ୍ପୃକ୍ତ ମହିଳା ସମାଜସେବୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଏନେଇ ଅବିଭକ୍ତ କୋରାପୁଟ ଜିଲା ଭୁମିଆ ସମାଜ ତରଫରୁ ଜୟପୁର ଉପ ଜିଲାପାଳ ବେଦ ବର ପ୍ରଧାନ ଙ୍କ ଜରିଆରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କୋରାପୁଟ ଜିଲାପାଳଙ୍କୁ ଦାବୀ ପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବୀ ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ପଦ୍ମଶ୍ରୀ କମଳା ପୁଜାରୀଙ୍କୁ କଟକଏସ.ସି.ବି ମେଡିକାଲ କଲେଜରେ ଆଇ.ସି.ୟୁ ରେ ଚିକିତ୍ସାରତ ସମୟରେ ଜଣେ ମହିଳା ଜବରଦସ୍ତ ବିନା କାହାର ଅନୁମତିରେ ଅବାଧ ପ୍ରବେଶ କରି ତାଙ୍କୁ ସେବା କରିବା ଆଳରେଜବରଦସ୍ତ ନାଚ କରିବା ପାଇଁ ପ୍ରବର୍ତାଇଥିଲେ। ଏହି ସମୟର ଭିଡ଼ିଆଲକୁ ମୋବାଇଲରେ ଭିଡିଓ କରି ସୋସିଆଲ ମିଡିଆରେ ଭାଇରାଲ କରି ତାଙ୍କ ପ୍ରତି ଅପବ୍ୟବହାର କରି ଅମାନବୀୟ କାଯ୍ୟ କରିଥିବା ଯୋଗୁଁ ସମଗ୍ର କୋରାପୁଟ ଜିଲାର ଆଦିବାସୀଙ୍କ ପ୍ରତି ଗୁରୁତର ଅପମାନ ହୋଇଛି । ଏଣୁ ଏହି ଅପରିଚିତ ମହିଳାଙ୍କ ବିରୁଦ୍ଧରେ ଦୃଢ଼ରୁ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ପଦ୍ମଶ୍ରୀ କମଳା ପୁଜାରୀ ଜଣେ କୋରାପୁଟ ଜିଲା ଆଦିବାସୀଙ୍କ ଆଦର୍ଶ ନାରୀ ଓ ସେ ଜଣେ ଭାରତର ସମ୍ପତ୍ତି । ତେଣୁ ତାଙ୍କୁ ମେଡିକାଲ ଭିତରେ ତଳେ ବସାଇ ଖୁଆଇବା ତାଙ୍କ ସହ ସେବା ନାମରେ ଜବରଦସ୍ତ ନାଚ କରାଇ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିବା ଏକ ଗୁରୁତର ଅପରାଧ ଅଟେ । ତେଣୁ ଶିଘ୍ର ଆଇନ ଅନୁଯାୟୀ କାଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ମାମଲାର ସଠିକ ତଦନ୍ତ କରାଯାଉ, ଏସସିବି ମେଡିକାଲ କଲେଜ କର୍ତୃପକ୍ଷଙ୍କର ଅବହେଳାର ତଦନ୍ତ କରି ଦୋଷୀ ବିରୁଦ୍ଧରେ ଆଇନ ଅନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଉଲ୍ଲେଖ କରାଯାଇଛି ।

# ଜିଲାପାଳ ଆରକ୍ଷୀ ଅଧିକ୍ଷକଙ୍କ ସେପଟ୍ଟେମ୍ବର ମାସ ପାଇଁ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ

ବଲାଙ୍ଗିର ,(ପି.ଏନ): ସେପଟ୍ଟେମ୍ବର ମାସ ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଧାର୍ଯ୍ୟ କରାଯାଇଛି । ତଦନୁସାରେ ସେପ୍ଟେମ୍ବର ମାସ ପ୍ରଥମ ସୋମବାର ତା. ୦୫/୦୯/୨୦୨୨ ରିଖ ପୂର୍ବାହ୍ନ ଘ: ୧୦ଟା ୩୦ ମିନିଟ ସମୟରେ ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟ ସ୍ଥିତ ଜିଲ୍ଲାପଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ, ଦ୍ୱିତୀୟ ସୋମବାର ତା ୧୨/୦୯/୨୦୨୨ରିଖ ଦିନ ସଇଁତଲା ବ୍ଲକ କାର୍ଯ୍ୟାଳୟଠାରେ, ତୃତୀୟ ସୋମବାର ତା ୧୯/୦୯/୨୦୨୨ରିଖ ଦିନ ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟଠାରେ ଓ ଚତୁର୍ଥ ସୋମବାର ତା.୨୬/୦୯/୨୦୨୨ରିଖ ଦିନ ଆଗଲପୁର ବ୍ଲକ କାର୍ଯ୍ୟାଳୟଠାରେ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସଂମ୍ପୃକ୍ତ ଅଞ୍ଚଳର ଜନ ସାଧାରଣ ସେମାନଙ୍କ ବ୍ୟକ୍ତିଗତ ତଥା ସାମୁହିକ ସମସ୍ୟାମୂଳକ ଅଭିଯୋଗ ଜଣାଇପାରିବେ । ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ସଂମ୍ପୃକ୍ତ ଅଞ୍ଚଳର ଜନ ସାଧାରଣଙ୍କ ଅଭିଯୋଗ ଶୁଣାଣି କରି ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରିବେ । ସଂମ୍ପୃକ୍ତ ଅଞ୍ଚଳର ଜନ ସାଧାରଣ ଏହି ଜନ ଅଭିଯୋଗ ଶୁଣାଣିରେ ନିଜ ନିଜର ଅଭିଯୋଗ ଜଣାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ।

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ। କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଆଜି ସକାଳେ ମଧାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚ୍ଚା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ। ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକତତ୍ତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ୍ୟ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada







# ଚଣ୍ଡିଖୋଲ ଓ ଯାଜପୁର ଟ୍ରକ ମାଲିକ ସଙ୍ଘ ପକ୍ଷରୁ ମିଳିତ ସାମ୍ବାଦିକ ସମ୍ମିଳନୀ




ଦର୍ପଣ, (ପିଏନ ): ଯାଜପୁର ଜିଲ୍ଲା କ୍ରୋମାଇଟ ସେକ୍ଟରରେ ଲୋଡିଙ୍ଗର ଅବ୍ୟବସ୍ଥା ଫାଷ୍ଟ କମ, ଫାଷ୍ଟ ଲୋଡ୍ ନିୟମ ପାଳନ ନକରି କିଛି ନିର୍ଦ୍ଦିଷ୍ଟ ସଙ୍ଘର ଗାଡି ଗୁଡ଼ିକୁ ଲୋଡ଼ ଦିଆଯାଉ ଥିବାରୁଜିଲ୍ଲାର ବହୁ ଗାଡି ଲୋଡ଼ ପାଉ ନାହାଁନ୍ତି. ଯାହା ଫଳରେ ଜିଲ୍ଲା ଟ୍ରକ ମାଲିକ ସଙ୍ଘରେ ଘୋର ଅସନ୍ତୋଷ ଦେଖାଯାଇଛି. ଆଜି ଏହି ପରିପେକ୍ଷୀରେ ଚଣ୍ଡିଖୋଲ ଓ ଯାଜପୁର ରୋଡ ଟ୍ରକ ମାଲିକ ସଙ୍ଘ ପକ୍ଷରୁ ଏକ ମିଳିତ ସାମ୍ବାଦିକ ସମ୍ମିଳନୀ ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେଇଥିଲା । ତା ୧୩,୦୯,୨୦୧୯ ରିଖରେ କଳିଙ୍ଗ ନଗର ଏ,ଡି,ଏମ, ଡେପୁଟି ଡ୍ୟାରେକ୍ଟର ମାଇଂନିଙ୍ଗ ଯାଜପୁର ରୋଡ଼ ସର୍କଲ. ଓ ଜିଲ୍ଲାର ସମସ୍ତ ସଙ୍ଘ କାର୍ଯ୍ୟକର୍ତ୍ତାମାନଙ୍କର ଏକ ବୈଠକ ହୋଇଥିଲା, ସେଠାରେ ଗାଡି ମାଲିକ ଓ ଜନସାଧାରଣ ଙ୍କ ହିତ ଦୃଷ୍ଟି ରୁ ଟ୍ରାଫିକ ସମସ୍ୟା କୁ ଗୁରୁତ୍ୱ ଦେଇ ସୁରୁଖୁରୁରେ ଗାଡି ଗୁଡ଼ିକୁ ଲୋଡ଼ କରିବା ପାଇଁ ଫାଷ୍ଟ କମ, ଫାଷ୍ଟ ଲୋଡ ନିୟମ କରାଯାଇଥିଲା. ଏବଂ ଏହି ନିୟମ କୁ ମାନିବା ପାଇଁ ସମସ୍ତେ ଏକ ମତ ହୋଇଥିଲେ ଓ ଆହୁରି ଯେଉଁ ଗାଡି ଗୁଡିକ ଲୋଡ଼ ନ ପାଇ ରହିଯାଉଥିଲେ । ସେହି ଗାଡି ଗୁଡିକ ର ପାର୍କିଂ ବ୍ୟବସ୍ଥା ଓ ଡ୍ରାଇଭର ମାନ□ଙ୍କ ରହିବା ଖାଇବାରର ଦାୟିତ୍ୱ ନୀଳାମଧାରୀ ମାନେ ନେବେ। ଏହି ନିୟମକୁ ଉଭୟ ପକ୍ଷ ଦୃଢ ଭାବେ ପାଳନ କରିବେ ବୋଲି ବୈଠକ ରେ ସ୍ଥିର କରାଯାଇଥିଲା .ଏବଂ୧୬,୦୯,୨୦୧୯ ତାରିଖରେ ଚିଠି ନଂ ୧୪୬୫,୧୪୬୬ ,୧୪୬୭ ରେ ସମସ୍ତ ଙ୍କୁ ଲିଖିତ ଜଣାଇ ଦିଆ ଯାଇଥିଲା। ସେବେଠାରୁ ଗାଡି ଗୁଡିକ ସୁରୁଖୁରୁରେ ଚାଲୁଥିଲା.. ଗତ ତା ୦୫,୦୮,୨୦୨୨ ରିଖରେ ଗ୍ରାମ୍ୟ ଉନୟନ ମନ୍ତୀ ତଥା ସ୍ଥାନୀୟ ସୁକିନ୍ଦା ବିଧାୟକଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପ୍ରଶାସନ ଓ ସୁକିନ୍ଦା ଅଂଚଳରୁ କ୍ରୋମ ପରିବହନ କରୁଥିବା ବିଭିନ୍ନ ଟ୍ରକ ମାଲିକ ସଙ୍ଘ , ଓ ଖଣି ନିଲାମ ଧାରୀ ମାନଙ୍କର ଏକ ମିଳିତ ବୈଠକ ହୋଇଥିଲା। ସେହି ବୈଠକ ପରେ ପରେ କ୍ରୋମ ଲୋଡ଼ କ୍ଷେତ୍ରରେ ବିଶୃଙ୍ଖଳା ଦେଖାଦେଇଛି। ଏହାର ସୁଧାର ପାଇଁ ଚଣ୍ଡିଖୋଲ, ଓ ଯାଜପୁର ରୋଡ଼ ଟ୍ରକ ମାଲିକ ସଙ୍ଘ ଜିଲ୍ଲା ପ୍ରଶାସନ ନିକଟରେ ନିବେଦନ କରିଆସୁଥିଲା. ଆହୁରି ମଧ୍ୟ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଲକ୍ଷ କରି ମାନ୍ୟବର ଜିଲ୍ଲାପାଳ ଏକ ମାସ ମଧ୍ୟରେ ସେଣ୍ଟ୍ରାଲ ପାର୍କିଙ୍ଗ ପାଇଁ ନିଷ୍ପତ୍ତି ନେଇଛନ୍ତି। ଆମେ ଉଭୟ ସଙ୍ଘ ଏହି ନିଷ୍ପତ୍ତି କୁ ମାନି ନେଉଅଛୁ ।ସେଣ୍ଟ୍ରାଲ ପାର୍କିଙ୍ଗ ହେବା ପର୍ଯ୍ୟନ୍ତ ପ୍ରତେକ ଖଣି ରେ ତିନିଦିନର ଲୋଡ଼ିଂ ଟ୍ରାର୍ଗେଟ କୁ ଲକ୍ଷ୍ୟ କରି ଏକ ସିରିଏଲ କରିବା ଏବଂ ପାର୍କିଙ୍ଗ ରେ ରଖିବା ପାଇଁ ସ୍ଥାନୀୟ ଥାନା ଅଧିକାରୀଙ୍କ ମାଧ୍ୟମରେ ଜିଲ୍ଲାପାଳ ଯେଉଁ ମୌଖିକ ନିର୍ଦ୍ଦେଶଦେଇଥିଲେ ଉକ୍ତ ନିର୍ଦ୍ଦେଶକୁ କୌଣସି ଖଣି କର୍ତ୍ତୃପକ୍ଷ କାର୍ଯ୍ୟକାରୀ କରୁ ନାହାନ୍ତି ଯାହା ଫଳରେ ଗାଡି ଗୁଡିକ ସାତ କିମି ପର୍ଯ୍ୟନ୍ତ ଲମ୍ୱା ଲାଇନ କରି ରାସ୍ତାରେ ଛିଡା ହେବା ଦ୍ୱାରା ରାସ୍ତା ଯାତାୟତ ବହୁ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ,ସାତ କିମି ଲମ୍ୱା ଲାଇନ ଥିବାରୁ ଗାଡି ଡ୍ରାଇଭର ଓ ହେଲପର ମାନେ ଖାଇବା ପିଇବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଉକ୍ତ ଅଂଚଳ ଜଙ୍ଗଲିଆ ହୋଇ ଥିବାରୁ ରାତିରେ ଗାଡିର ବ୍ୟାଟ୍ରି, ଓ ଗାଡିର ଅନ୍ୟାନ୍ୟ ଜିନିଷ ଚୋରି ହେଉଛି ,ସ୍ଥାନୀୟ ଗାଡି ମାଲିକ ମାନେ ବଳ ପୂର୍ବକ ତାଙ୍କ ନିଜ ଗାଡି ଗୁଡିକୁ ସିରିଏଲ ରେ ପୁରାଉଥିବାରୁ ଅନ୍ୟ ଗାଡି ଗୁଡିକ ଲୋଡ଼ ରୁ ବାଦ ପଡୁଛି ।ଏହି ପରି ବିଭିନ୍ନ ସମସ୍ୟା ମାନ ଉପୁଜୁଛି ବୋଲି ଆଜିର ସାମ୍ବାଦିକ ସମ୍ମିଳନୀରେ ଉଭୟ ଚଣ୍ଡିଖୋଲ ଓ ଯାଜପୁର ରୋଡ ସଂଘର କର୍ମକର୍ତ୍ତାମାନେ କହିଥିଲେ। ଯଦି ଏହାର କୌଣସି ସମାଧାନ କରା ନ ଯାଏ ତାହେଲେ ଆଗାମୀ ଦିନରେ ଗାଡି ମାଲିକମାନେ ନିଜ ହକ ପାଇଁ ରାଜ ରାସ୍ତାକୁ ଓହ୍ଲାଇବେ ବୋଲି ପ୍ରକାଶ କରିଥିଲେ ।ଏଥିରେ ଚଣ୍ଡିଖୋଲ ଟ୍ରକ ମାଲିକ ସଙ୍ଘ ସଭାପତି ବିଭୁତି ଭୂଷଣ ଜେନା । କାର୍ଯ୍ୟକାରୀ ସଭାପତି ଚନ୍ଦନ କୁମାର ନାୟକ, ସମ୍ପାଦକ କ୍ରିତିରାଜ ସ୍ୱାଇଁ,ପ୍ରମୋଦ ନାୟକ, ଯାଜପୁର ରୋଡ ଟ୍ରକ ମାଲିକ ସଙ୍ଘର ସଭାପତି ଅମୀୟ ରଞ୍ଜନ ବାରିକ, ସମ୍ପାଦକ ଦିଲ୍ଲୀପ ମଲ୍ଲିକ୍,.ସୁରେନ୍ଦ୍ର ଶର୍ମା, ଜୟଜିତ ପରିଡା, ବିବିକାନନ୍ଦ ମହାନ୍ତି ,ଶିଶିର ଓଝା ,ଅଟଳ କୁମାର ଜେନା,ପୁଷ୍ପରାଜ ନାୟକ , ସନ୍ତୋଷ ରାଉତ,ଦେବରଞ୍ଜନ ସ୍ୱାଇଁ, ଅଭୟ ସାମଲ, ପ୍ରମୋଦ ବେହେରା, ବିଜୟପାଳ ଯାଦବ,ବିନାୟକ ସାହୁ,ମଡି ସନାଉଲ୍ଲା, ଜାମସେଦ ଖାଁ ,ସତ୍ୟବ୍ରତ ଖଣ୍ଡାଇ,ବିନାୟକ ପ୍ରସାଦ ସାମଲ,ଜଗମୋହନ ରାଉତଙ୍କ ସମେତ ବହୁ ମାଲିକ ମାନେ ଯୋଗ ଦେଇଥିଲେ।

# ପାରାଦୀପରେ ମେଗା କର୍କଟ ସଚେତନତା ଶିବିର

ପାରାଦୀପ,(ପି.ଏନ): ବିଭିନ୍ନ କାରଣରୁ ଏବେ ସମଗ୍ର ଦେଶ ତଥା ରାଜ୍ୟରେ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ମାତ୍ର ଜନ ସଚେତନତା ଦ୍ୱାରା ଏହି ରୋଗକୁ ଅନେକାଂଶରେ ନିୟନ୍ତ୍ରଣ କରି ହେବ ବୋଲି ବିଶିଷ୍ଟ ବ୍ୟକ୍ତି ତଥା ଡାକ୍ତରମାନେ ମତବ୍ୟକ୍ତ କରିଛନ୍ତି । ରବିବାର ପୂର୍ବାହ୍ନରେ ପାରାଦୀପ ନୂଆବଜାରସ୍ଥିତ ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟର ସମ୍ମିଳନୀ କକ୍ଷରେ କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାରାଦୀପରେ କାର୍ଯ୍ୟରତ ସାମ୍ବାଦିକ ଏବଂ କଟକର କାର୍ସିନେଭା ଫାଉଣ୍ଡେସନର ମିଳିତ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କର୍କଟ ରୋଗ ବିଶେଷଜ୍ଞ ଡା.କ୍ଷିତୀଶ ଚନ୍ଦ୍ର ମିଶ୍ର, ଯନ୍ତ୍ରଣା ଓ ଉପସମ ବିଭାଗ ଡା.ଶୋଭନ କୁମାର ରଥ, ବରିଷ୍ଠ ସାମ୍ବାଦିକ ଶୁକଦେବ ଜେନା, ବାଜପେୟୀ ଟ୍ରଷ୍ଟର ଅଧ୍ୟକ୍ଷ ଅଜିତ କୁମାର ଦାସ ପ୍ରମୁଖ ମଂଚରେ ଉପସ୍ଥିତ ରହି କର୍କଟ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ସୁଚିନ୍ତିତ ମତାମତ ଦେଇଥିଲେ।

# ଚଟୁ ଅଣକା ଗ୍ରାମ ଆଦିବାସୀ କ୍ଲବ ପକ୍ଷରୁ ନୂଆଖାଇ ଭେଟଘାଟ




ବଲାଙ୍ଗିର,(ପି.ଏନ): ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ଅବସରରେ ଚଟୁଅନକା ଗ୍ରାମ ପଂଚାୟତର ଚଟୁଅନକା ଗ୍ରାମରେ ଜବାହାରଲାଲ ନେହେରୁ ଆଦିବାସୀ କ୍ଲବ ପକ୍ଷରୁ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଚଟୁଅନକା ପଂଚାୟତର ସରପଞ୍ଚ ଜ୍ଞାନ ରଞ୍ଜନ ତାଣ୍ଡି ମୁଖ୍ୟ ଅତିଥି ଓ ନିର୍ଝରିଣୀ ଅନୁଷ୍ଠାନର ସଂପାଦକ ତଥା ସଂଗଠକ ବିରଂଚି ନାରାୟଣ ଦାଶ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସର୍ବ ପ୍ରଥମେ ଗାଁର ଗୌନ୍ତିଆ ଧନୁର୍ଯ୍ୟ ମାଝୀ ମଞ୍ଚରେ ମା' ଲକ୍ଷ୍ମୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ପୂଜାର୍ଚ୍ଚନା କରିଥିଲେ ।ମଞ୍ଚରେ ଆସନ ଆଳଙ୍କୃତ କରିଥିବା ସମ୍ମାନିତ ଅତିଥି ଥମିର ଛତ୍ରିଆ, କବିରାଜ ପୁଟେଲ, ମାୟାଧର ପୁଟେଲ, ଚମରୁ ମାଝୀ ଆଦି ନୂଆଁଖାଇର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । କ୍ଲବର ସଭାପତି ସହଦେବ ମାଝୀ ସ୍ୱାଗତ ଅଭିଭାଷଣ ଦେବା ସହିତ ସଂପାଦକ ଜନକ ମାଝୀ ସଂପାଦକୀୟ ବିବରଣୀ ପାଠ କରିଥିଲେ ।ମଂଚାସୀନ ସମସ୍ତ ଅତିଥି ମାନଙ୍କୁ ମୁଣ୍ଡରେ ପଗଡି ବାନ୍ଧି ସମ୍ମାନିତ କରାଯାଇଥିଲା । ତା'ପରେ ନୃତ୍ୟ ପ୍ରତିଯୋଗିତା ହୋଇଥିଲା । ଏହି ପ୍ରତିଯୋଗିତାରେ ଥମିର ଛତ୍ରିଆ, ପୂର୍ଣ୍ଣଚନ୍ଦ୍ର ନିଆଲ ଓ ଶୋଭିତ ତାଣ୍ଡି ବିଚାରକ ଭାବେ ଶୃତି ବୈକାରଙ୍କୁ ପ୍ରଥମ, ବିନଦାସ ଗୃପକୁ ଦ୍ୱିତୀୟ ଓ ଭୁଜ ମାଝୀଙ୍କୁ ତୃତୀୟ ପୁରସ୍କାର ବିଜେତା ଭାବେ ଘୋଷଣା କରିଥିଲେ ।ପନ୍ଦର ଗୋଟି ନୃତ୍ୟ ଦଳକୁ ପ୍ରମାଣ ପତ୍ର ଓ କପ ପ୍ରଦାନ କରାଯାଇଥିଲା । ବିଜୋତାମାନଙ୍କୁ କପ, ପ୍ରମାଣପତ୍ର ଓ ନଗଦ ରାଶି ପ୍ରଦାନ କରାଯାଇଥିଲା । ମଂଚ ପରିଚାଳନା ଦୀନବନ୍ଧୁ ବଗର୍ତ୍ତୀ କରିଥିଲେ ଓ ବିଶିକେଷନ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଚଟୁଅନକା ଭାଗବତ କମିଟିର ସଭ୍ୟଗଣ, କ୍ଲବର ସଭ୍ୟ ଗୋବିନ୍ଦ ମାଝୀ, ସୁବାଷ ମାଝୀ, ଦଶରଥ ମାଝୀ, ମୁଖରାମ୍ ମାଝୀ, କିଶୋର ମାଝୀ, କପୂର୍ଚନ୍ ମାଝୀ, ନନ୍ଦକିଶୋର ମାଝୀ, ଡୁଲାମଣି ମାଝୀ, ଦେବରାଜ ମାଝୀ, ମହନ ମାଝୀ, ରାଜକୁମାର ମାଝୀ, ପ୍ରେମ ମାଝୀ, ଗୋବିନ୍ଦ ମାଝୀ, ତପନ ମାଝୀ, ଧରମେଶ ମାଝୀ, ଭୀମ ମାଝୀ, ରୂପା ମାଝୀ, ଦୁର୍ଜନ ମାଝୀ, ଭାଗ୍ୟ ମାଝୀ, ବିଶାଲ ମାଝୀ, ମତିରାମ୍ ମାଝୀ, ତଥା ଚଟୁଅନକା ଗ୍ରାମବାସୀ ସହଯୋଗ କରିଥିଲେ ।

# ସ୍ୱାଭିମାନ ଅଞ୍ଚଳ ରେ ରନ୍ ଅପ୍ ଟୁ ଟିଚର୍ସ ଡ଼େ'' କାର୍ଯ୍ୟକ୍ରମ ଅବସରରେ ମାରାଥନ ଦୌଡ

ମାଲକାନଗିରି,(ପି.ଏନ): ମାଲକାନଗିରି ଜିଲ୍ଲା ସୀମା ସୁରକ୍ଷା ବଳ (ବିଏସଏଫ) ତରଫରୁ ଭାରତର ୭୫ ତମ ସ୍ୱାଧୀନତା ବାର୍ଷିକ ଦିବସ ପାଳନ ଉପଲକ୍ଷେ ୦୨ ସେପ୍ଟେମ୍ବର ୨୦୨୨ ରେ ''ରନ୍ ଅପ୍ ଟୁ ଟିଚର୍ସ ଡ଼େ'' କାର୍ଯ୍ୟକ୍ରମ ଅବସରରେ ମାରାଥନ ଦୌଡ ସ୍ୱାଭିମାନ ଅଞ୍ଚଳ ର ଯୋଡ଼ାମ୍ବଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଏସଏଫର ସଂଜୟ ଦାସ, ଏସଡିପିଓ ଅଂଶୁମାନ ଦ୍ୱିବେଦୀ,ଚିତ୍ରକୋଣ୍ଡା ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ, ସରପଞ୍ଚ ପିଙ୍କି ହନ୍ତାଳ, ସରପଞ୍ଚ ଅର୍ଜୁନ ହନ୍ତାଳ, ଦେବେନ୍ଦ୍ର ସିଂ, କମ୍ପାନି କମାଣ୍ଡର, ଇନି ସପେକ୍ଟର ଲକ୍ଷ୍ମୀ ନାରାୟଣ ମୁଦୁଲି, ଓଆଇସି ଅନୀଲ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ।ସ୍ଥାନୀୟ ଛାତ୍ରଛାତ୍ରୀ ଏବଂ ଯୁବକଙ୍କ ମଧ୍ୟରେ ୫ କିଲୋମିଟର, ୩ କିଲୋମିଟର, ୨ କିଲୋମିଟର, ମାରାଥନ ଦୌଡ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଯୁବକମାନଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ସୀମା ସୁରକ୍ଷା ବଳର ସଂଗଠନ, ଏହାର କାର୍ଯ୍ୟକାରିତା ଏବଂ ଜଣେ ସୀମା ପ୍ରହରୀ ଜୀବନ ବିଷୟରେ ଅବଗତ କରାଇବା ।

# ନିଖିଳ ଓଡ଼ିଶା ବିଦ୍ୟୁତ ଶ୍ରମିକ ମହାସଂଘର ୧୮ତମ ଦ୍ୱିବାର୍ଷିକ ରାଜ୍ୟସ୍ତରୀୟ ସମ୍ମିଳନୀ

ଭୁବନେଶ୍ୱର ,(ପି.ଏନ) : ନିଖିଳ ଓଡ଼ିଶା ବିଦ୍ୟୁତ ଶ୍ରମିକ ମହାସଂଘର ୧୮ତମ ଦ୍ୱିବାର୍ଷିକ ରାଜ୍ୟସ୍ତରୀୟ ସମ୍ମିଳନୀ ଉତ୍କଳ ଦୃଷ୍ଟିହୀନ ଅନ୍ଧମୂକ ସଂଘର ପ୍ରେକ୍ଷାଳୟରେ ସଭାପତି ତଥା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖାର ଉପସଭାପତି ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ମହାପାତ୍ର ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ, ଯଦି ରାଜ୍ୟ ସରକାର ନିଯୁକ୍ତି ଉପରେ ପଦକ୍ଷେପ ନ ନିଅନ୍ତି ତେବେ ଟାଟା କମ୍ପାନୀ ଆଗାମୀ ଦିନରେ ରାଜ୍ୟ ସରକାରଙ୍କୁ ବ୍ଲାକ ମେଲିଙ୍ଗ କରିବା ପାଇଁ ସୁବର୍ଣ୍ଣ ସୁଯୋଗ ଆଣିଦେବ ଏବଂ ଆଗାମୀ ଦିନରେ ଏକତା ମଂଚ ଯେଉଁ ଟେକ୍‌ନିକାଲ ଓଓଓ, ଓଓ, ଓ ଉପରେ ଥିବା ଦରମା ତାରତମ୍ୟ ଏକତା ମଂଚ ମାଧ୍ୟମରେ ସମାଧାନ କରିବା ପାଇଁ ସମସ୍ତ ପ୍ରକାର ଚେଷ୍ଟା ଆଗେଇ ଚାଲିଛି। ଠିକା କର୍ମଚାରୀମାନଙ୍କୁ, ୧୨୧,୩୯, ୧୫ କର୍ମଚାରୀମାନଙ୍କୁ ସ୍ଥାୟୀ କରିବା ପାଇଁ ୱେସ୍କୋ ଓ ସାଉଥ୍‌କୋ ଜୋନ୍ ପରି ସେସୁ ଜୋନ ଓ ନେସ୍‌କୋ ଜୋନରେ ତୁରନ୍ତ ସ୍ଥାୟୀ କରିବା ପାଇଁ ତାଙ୍କ ବକ୍ତବ୍ୟରେ ରଖିବା ସହିତ ସମସ୍ତ ସେକ୍‌ସନରେ ଗୋଟିଏ ଲେଖାଏଁ ସିନିଅର ଚାର୍ଜମ୍ୟାନ ପଦବୀ ସୃଷ୍ଟିବା ସହିତ ଯେଉଁ ହେଲ୍‌ପରମାନେ ୭ ବର୍ଷ କାର୍ଯ୍ୟ କରିସାରିଲେଣି ସେମାନଙ୍କୁ ଯୁଦ୍ଧକାଳିନ ଭିତିରେ କାଳ ବିଳମ୍ବ ନ କରି ପଦୋନ୍ନତି ଦେବା ପାଇଁ ଟିପିସିଓଡ଼ିଏଲ ମାନବ ସମ୍ବଳ ଅଧିକାରଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ ବୋଲି ତାଙ୍କ ବକ୍ତବ୍ୟ କହିଥିଲେ। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବରେ




ପୂର୍ବତନ ଅର୍ଥମନ୍ତ୍ରୀ ତଥା ବିଶିଷ୍ଟ ଶ୍ରମିକ ନେତା ଶ୍ରୀଯୁକ୍ତ ପଞ୍ଚାନନ କାନୁନ୍‌ଗୋ ପ୍ରଦୀପ ପ୍ରଜ୍ୱଳନ କରି ସମ୍ମିଳନୀକୁ ଉଦ୍‌ଘାଟନ କରିବା ସହିତ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ, ବିଦ୍ୟୁତ କ୍ଷେତ୍ରକୁ ଘରୋଇକରଣ କରାଗଲେ ମଧ୍ୟ ସେଥିରେ କାର୍ଯ୍ୟକରୁଥିବା ୨୪ ହଜାରରୁ ଉର୍ଦ୍ଧ୍ୱ ଠିକା କର୍ମଚାରୀଙ୍କ ଇ.ପି.ଏଫ. ଓ ଇ.ଏସ୍.ଆଇ କିପରି ଠିକ୍ ଭାବରେ ଡିପୋଜିଟ୍ ହେବା ସହ ସମସ୍ତ କର୍ମଚାରୀଙ୍କ କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ସାମଗ୍ରୀ ଟାଟା ତରଫରୁ ପ୍ରଦାନ କରିବା ପାଇଁ ତାଙ୍କ ବକ୍ତବ୍ୟରେ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିପିସିଓଡ଼ିଏଲ ମାନବ ସମ୍ବଳ ଅଧିକାରୀ ଶ୍ରୀବୁଦ୍ଧିଷ୍ଟ କୁମାର ବେହେରା ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ ଯେ ସଭାପତି ଯେଉଁ ଦାବୀଗୁଡ଼ିକ ଉତ୍‌ଥାପନ କଲେ ତଥା ମୁଖ୍ୟଅତିଥି ତଥା ଶ୍ରୀଯୁକ୍ତ କାନୁନ୍‌ଗୋ ଯେଉଁ କର୍ମଚାରୀଙ୍କ ସୁରକ୍ଷା ଉପରେ ଦାବୀ କରିଥିଲେ ଉକ୍ତ ଦାବୀଗୁଡ଼ିକ ସହାନୁଭୂତି ସହିତ ଟିପିସିଓଡ଼ିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ ସହିତ ଆଲୋଚନା କରି ଖୁବ୍‌ଶୀଘ୍ର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୋକଶକ୍ତିର ସମ୍ପାଦକ ଶ୍ରୀଯୁକ୍ତ ରମେଶଚନ୍ଦ୍ର ଶତ୍‌ପଥି ତାଙ୍କ ବକ୍ତବ୍ୟରେ ଠିକା କର୍ମଚାରୀଙ୍କ ନିଯୁକ୍ତିର ସର୍ତ୍ତାବଳୀ ୪ଟି ଜୋନ୍‌ରେ ଟାଟା କର୍ତ୍ତୃପକ୍ଷ କରିବା ସହିତ ଟେକ୍‌ନିକାଲ କର୍ମଚାରୀଙ୍କ ଦରମାରେ ଥିବା ତାରତମ୍ୟ ଏକତା ମଂଚ ମାଧ୍ୟମରେ ସମାଧାନ କରିବା ପାଇଁ ଏକତା ମଂଚକୁ ଆହୁରି ଦୃଢ଼ିଭୂତ କରିବା ପାଇଁ ଆହ୍ୱାନ ଦେଇଥିଲେ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଉପସଭାପତି ଶ୍ରୀଯୁକ୍ତ ମଦନ ମୋହନ ଧଳ ତାଙ୍କ ବକ୍ତବ୍ୟରେ ସମସ୍ତ ଠିକାକର୍ମଚାରୀଙ୍କ ଇ.ପି.ଏଫ୍ ଓ ଇ.ଏସ୍.ଆଇର ସୁବିଧା ନେବା ପାଇଁ ବକ୍ତବ୍ୟ ରଖିବା ସହିତ ଇ.ଏସ୍.ଆଇ. ବେନିଫିସିଆରୀମାନଙ୍କ ସଂପର୍କରେ ଆଲୋଚନା କରିଥିଲେ। ଯୁବ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖାର ସଭାପତି ଶ୍ରୀଯୁକ୍ତ ସତ୍ୟବ୍ରତ ନାୟକ ତାଙ୍କ ବକ୍ତବ୍ୟରେ କର୍ମଚାରୀଙ୍କ ଦୁର୍ଘଟଣାଜନୀତ ମୃତ୍ୟୁ ପରେ କମ୍ପାନୀସେସନ କିପରି କର୍ମଚାରୀମାନଙ୍କୁ ମିଳିପାରିବ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବାବେଳେ ମହାସଂଘର ସାଧାରଣ ସଂପାଦକ ଅକ୍ଷୟ କୁମାର ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିବା ସହିତ ଫେଡ଼େରେସନର ସାଧାରଣ ସଂପାଦକ ସତ୍ୟବାଦୀ ବାଗ୍, କୈଳାସ ମହନ୍ତ, ନୀଳମଣି ବଳ, ଜ୍ୟୋତିପ୍ରକାଶ, ବରେନ୍ଦ୍ର ବେହେରା, ପ୍ରଫୁଲ କୁମାର ପଟ୍ଟନାୟକ, ସୂର୍ଯ୍ୟନାରାୟଣ ବିଷୋୟୀ, ଦିନବନ୍ଧୁ ମହାନ୍ତି, ବିପିନ୍ ସେଠୀ, ନରେଶ ତ୍ରିପାଠୀ ଓ ଦିଲ୍ଲୀପ ସାହୁ ଉଦ୍‌ବୋଧନ ଦେବା ସହ ମହାସଂଘକୁ ଦୃଢ଼ କରିବା ପାଇଁ ଆହ୍ୱାନ ଦେବା ସହ ପରିଶେଷରେ ଶ୍ରୀଯୁକ୍ତ ସଂଜୀବ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ଦୁଇବର୍ଷ ପାଇଁ କର୍ମକର୍ତ୍ତା ମହାସଂଘର ସଭାପତି ଭାବେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ରାଜ୍ୟ ସଭାପତି ତଥା ପ୍ରାକ୍ତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଣ୍ଟିଆ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲାବେଳେ କାର୍ଯ୍ୟକାରୀ ସଭାପତି ଭାବରେ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ମହାପାତ୍ର, ୪ ଜଣ ଉପସଭାପତି, ୧ ଜଣ ସାଧାରଣ ସଂପାଦକ, ୧ କୋଷାଧ୍ୟକ୍ଷ, ୪ ଜଣ ଯୁଗ୍ମ ସଂପାଦକ, ୫ ଜଣ ସଂଗଠନ ସଂପାଦକ, ୨୧ କାର୍ଯ୍ୟକାରୀ ସଭ୍ୟ ଓ ୩୧ ଜଣ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ନିର୍ବାଚିତ ହୋଇଥିଲେ। ଶ୍ରୀ ଅଜିତ୍ ସାମନ୍ତରାୟ, ତ୍ରିଲୋଚନା ଓଝା ଓ ଅକ୍ଷୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।






Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray